visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.151 Bhubaneswar Friday, July 30, 2021 ୨୪ତମ ବର୍ଷ ସଂଖ୍ୟା–୧୫୧ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି ୨୦୨୦ର ପ୍ରଥମ ବାର୍ଷିକୀ ପାଳନ ଅବସରରେ ଏକ ପ୍ରକାଶନରେ ପ୍ରକାଶ କରିଛନ୍ତି

## ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭାରେ ୨ ବିଧେୟକ ପାରିତ

ନୂଆଦିଲ୍ଲୀ, ୨୯।୭(ପି.ଏନ): ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଗୁରୁବାର ଲୋକସଭାରେ ୨ ବିଧେୟକ ପାରିତ ହୋଇଛି । ଗୃହରେ ବିରୋଧୀଙ୍କ ହଙ୍ଗାମା ଓ ନାରାବାଜି ମଧ୍ୟରେ ସଂକ୍ଷିପ୍ତ ଆଲୋଚନା ପରେ ଦୁଇ ବିଧେୟକ ଭାରତୀୟ ବିମାନପତନ ଆର୍ଥିକ ନିୟମାକ ପ୍ରାଧିକରଣ (ସଂଶୋଧନ) ବିଧେୟକ ୨୦୨୧ ଏବଂ ଅନ୍ତର୍ଜାତୀୟ ବନ୍ଦର ବିଧେୟକ-୨୦୨୧ ପାରିତ ହୋଇଛି । ଏହି ଦୁଇ ବିଧେୟକ ପାରିତ ହେବା ପରେ ଗୃହର କାର୍ଯ୍ୟବାହି ଶୁକ୍ରବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।ଆଜି ଲୋକସଭାର କାର୍ଯ୍ୟବାହି ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା । ପ୍ରଥମେ ଅଧ୍ୟକ୍ଷ ଓମ୍ ବିର୍ଲା ବିଗତ ଦିନରେ ଗୃହର କାର୍ଯ୍ୟବାହି ସମୟରେ କେତେକ ସଦସ୍ୟଙ୍କ ଆପତିଜନକ ବ୍ୟବହାରକୁ ନିନ୍ଦା କରିଥିଲେ । ଏହା ଉପରେ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରି ନିଜର ପକ୍ଷ ରଖିବାକୁ ଚାହିଁଥିଲେ । ତେବେ ଅଧ୍ୟକ୍ଷ ଶ୍ରୀ ବିର୍ଲା ଅଧିର ରଞ୍ଜନଙ୍କୁ ପ୍ରଶ୍ନ କରିଥିଲେ ଯେ, ଗତ ବୁଧବାର ଗୃହରେ ଘଟିଥିବା ଘଟଣାକୁ କଣ ଆପଣ ସଂସଦୀୟ ମର୍ଯ୍ୟାଦା ବୋଲି ସ୍ୱୀକାର କରିବେ । ଆସନର ଅବମାନନା କରିବା ଆମର ସଂସଦୀୟ ପରମ୍ପରାର ବିରୋଧୀ ଅଟେ । ଆଜି ଗୃହର କାର୍ଯ୍ୟବାହି ପ୍ରଥମେ ୧୧ଟା ୩୦ ରେ, ପରେ ୧୨ଟାରେ ଏବଂ ପରେ ୧୨ଟା ୩୦ ରେ ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା । ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହି ଦୁଇ ବିଧେୟକ ପାରିତ ହୋଇଛି । ଏବଂ ଗୃହର କାର୍ଯ୍ୟବାହି ଶୁକ୍ରବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।



ଭାରତୀୟ ଜୀବନବୀମା ନିଗମର ଅଧ୍ୟକ୍ଷ ଶ୍ରୀ ଏମ.ଆର.କୁମାରଙ୍କ ତୈଳଚିତ୍ର ଓଡ଼ିଶାର କର୍ମଚାରୀଙ୍କ ଦ୍ୱାରା ଚିତ୍ରିତ

## ଥାନା ଅଧିକାରୀ ସ୍ତରରେ ଅଦଳବଦଳ

କେନ୍ଦ୍ରାପଡ଼ା, ୨୯।୭(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ କେତେକ ଥାନା ଅଧିକାରୀଙ୍କ ବଦଳି କରାଯାଇଛି । ପୋଲିସ କାର୍ଯ୍ୟାଳୟରେ ଥିବା ଇନିସପେକ୍ଟର ପରେଶ କୁମାର ମହାନ୍ତିଙ୍କୁ ଜମ୍ବୁ ମେରାଇନ ଥାନାକୁ ବଦଳି କରାଯାଇ ଥିବାବେଳେ ଜମ୍ବୁ ମେରାଇନ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ତନ୍ତିଆପାଳ ମେରାଇନ ଥାନାରେ ଅବସ୍ଥାପିତ କରାଯାଇଛି । ସେହିଭଳି ତନ୍ତିଆପାଳ ମେରାଇନ ଥାନାର ଇନିସପେକ୍ଟର ଜ୍ୟୋତି ପ୍ରକାଶ ସ୍ୱାଇଁ ଡେରାବିଶ ଥାନାର ଆଇଆସି ଭାବେ ଓ ଡେରାବିଶ ଥାନାର ଆଇଆଇସି ସୁମନ୍ତ କିଷାନଙ୍କୁ କେନ୍ଦ୍ରାପଡା ଟାଉନ ଥାନାର ଅତିରିକ୍ତ ଅଧିକାରୀ ଭାବେ, ସେହିଭଳି କେନ୍ଦ୍ରାପଡା ଟାଉନ ଥାନାର ଅତିରିକ୍ତ ଅଧିକାରୀ ସାଇମନ ଲାକରାଙ୍କୁ ପଟ୍ଟାମୁଣ୍ଡାଇ ଥାନାର ଅତିରିକ୍ତ ଅଧିକାରୀ ଭାବେ , ମାର୍ଶାଘାଇ ଥାନାର ଇନିସପେକ୍ଟର କାଳନ୍ଦୀ ବେହେରାଙ୍କୁ ନିକିରାଇ ଥାନାକୁ ଓ ନିକିରାଇ ଥାନାର କାବୁଲି ବାରିକଙ୍କୁ ପୋଲିସ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି । ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଇନିସପେକ୍ଟର ପ୍ରଦିପ୍ତ କାନୁନଗୋଙ୍କୁ ମାର୍ଶାଘାଇ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇ ଥିବା ଜଣାପଡିଛି ।

## ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳ ବଦଳ

ଭୁବନେଶ୍ୱର: ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଆଇଏଏସ୍ ଅଶୋକ ମିନାଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି । ସେ ବର୍ତ୍ତମାନ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଅର୍ଥ ବିଭାଗ ପ୍ରମୁଖ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି । ଅପରପକ୍ଷରେ ପଂଚାୟତିରାଜ ବିଭାଗ ପ୍ରମୁଖ ସଚିବ ଥିବା ଡି.କେ ସିଂହଙ୍କୁ ଷ୍ଟିଲ୍ ଏବଂ ଖଣିଜ ସମ୍ପଦକ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ସେହିଭଳି ଷ୍ଟିଲ୍ ଏବଂ ଖଣିଜ ସମ୍ପଦ ବିଭାଗ ପ୍ରମୁଖ ସଚିବ ଥିବା ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଏଥିସହି ପର୍ଯ୍ୟଟନ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ ସୁରେନ୍ଦ୍ର କୁମାର । ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଆର ଭିନେଲକ୍ରିଷ୍ଣାଙ୍କୁ କ୍ରୀଡ଼ା ଓ ଯୁବ ବ୍ୟପାର ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

## ହୀରାକୁଦ ଡ୍ୟାମର ୪ଟି ସ୍ଲୁଇସ୍ ଗେଟ୍ ବନ୍ଦ ; ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ

ସମ୍ବଲପୁର, ୨୯।୭(ପି.ଏନ): ହୀରାକୁଦ ଡ୍ୟାମରେ ୪ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଫଳରେ ଏବେ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଗତକାଲି ହୀରାକୁଦ ଜଳଭଣ୍ଡାରରୁ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା । ତେବେ ଉପର ମୁଣ୍ଡରେ ବର୍ଷାର ପରିମାଣ କମିଥିବାରୁ ଆଜି ଆଉ ୪ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି ।ହୀରାକୁଦ ଜଳଭଣ୍ଡାରରୁ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ରେ ୭ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ୩ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୭ ହଜାର ୫୫୦ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୧୦ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୪ ହଜାର ୨୫୨ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳସ୍ତର ଆଜି ଦିନ ୧୨ଟା ସୁଦ୍ଧା ୬୦୪.୯୧ ଫୁଟ୍ ରହିଛି ।

## ଗୋଟିଏ ଦିନରେ ୧୬୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୬୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୪୧୩୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୫୧୦୪୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୭୨୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୬୧୫ ଜଣଙ୍କ ମଧ୍ୟରୁ ୯୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୪୨ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୮ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୨୨୯, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୦ ଜଣ, ଗଜପତି ଜିଲ୍ଲାରୁ ୨, ଗଞ୍ଜାମରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୬ ଜଣ, ଯାଜପୁରରୁ ୭୦ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୦୨ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ. କେନ୍ଦ୍ରାପଡ଼ାରୁ ୪୦ ଜଣ, କେନ୍ଦୁଝରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୪୨ଜଣ, କୋରାପୁଟରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୮ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୪୨ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୫ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୨୩ ଜଣ, ରାୟଗଡ଼ାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୩୦ ଜଣ ଓ ଷ୍ଟେଟ୍ ପୁଲରୁ ୯୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏକ କୋଟି ୫୯ ଲକ୍ଷ ୫୯ ହଜାରଙ୍କୁ ଟିକା କରଣ

ଭୁନେଶ୍ୱର, ୨୯।୭(ପି.ଏନ): ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ଏକ କୋଟି ୫୯ ଲକ୍ଷ ୫୯ ହଜାରଙ୍କୁ ଟିକା କରଣ ସରିଛି । ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥି ମଧ୍ୟରୁ ପ୍ରଥମ ଡୋଜ ଏକ କୋଟି ୨୧ ଲକ୍ଷ, ଦ୍ୱିତୀୟ ଡୋଜ ୩୭ ଲକ୍ଷ ୮୮ହଜାର ଜଣଙ୍କୁ ଦିଆ ଯାଇଛି । ଜୁଲାଇ ମାସରେ ନିର୍ଦ୍ଧାରିତ କୋଟା ଠାରୁ ଅଧିକ ଟିକା ରାଜ୍ୟକୁ ମିଳିଛି । ଜୁଲାଇ ମାସରେ ୩୦ ଲକ୍ଷ ୫୦ ହଜାର ୯୧୦ ଆଲୋକେସନ ଥିବା ବେଳେ ୪୪ ଲକ୍ଷ ୮୩ ହଜାର ୩୨୩ ଟିକା ମିଳିଛି । ସେ କହିଛନ୍ତି ଯେ ସେହିପରି ଅଗଷ୍ଟ ମାସ ପାଇଁ ୩୩ ଲକ୍ଷ ୭୨ ହଜାର ୨୮୦ ଡୋଜ ଆସିବ । ଏହା ବାଦ ରାଜ୍ୟ ଦ୍ରୁତ ଟିକା କରଣ ପାଇଁ ଅଧିକ ମାଗିବ । ଏବେ ସୁଦ୍ଧା ୩୦ ହଜାର ଗର୍ଭବତୀ ଟିକା ନେଇ ସାରିଛନ୍ତି । କୌଣସି ଜଣକ ପାଖରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇ ନାହିଁ । ଆସନ୍ତା ୪ରୁ ୫ ମାସ ମଧ୍ୟରେ ଯଥେଷ୍ଟ ଆସିବାର ଅଛି । ଯଦି ମିଳିଲା ତାହେଲେ ରାଜ୍ୟ ଡିସେମ୍ବର ସୁଦ୍ଧା ଟିକା କରଣ ଲକ୍ଷ୍ୟ ହାସଲ କରି ପାରିବ ବୋଲି ସେ କହିଛନ୍ତି ।

## ବିନା ଲାଇସେନ୍ସରେ ସାର ବିକିବା ପଡ଼ିଲା ମହଙ୍ଗା, ଦୋକାନ ହେଲା ସିଲ୍

ଖୋର୍ଦ୍ଧା, ୨୯।୭(ପି.ଏନ):ବିନା ଲାଇସେନ୍ସରେ ସାର ବିକିବା ଏବଂ ସାରର କଳାବଜାରୀ କରିବା ଅଭିଯୋଗରେ ଦୁଇଗୋଟି ସାର ଗୋଦାମକୁ ଗୁରୁବାର ବାଣପୁର କୃଷି ବିଭାଗ ସିଲ୍ କରିଛି । ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଭାଟପଡ଼ା ଛକରେ ଦୁଇଗୋଟି ସାର ଗୋଦାମ ବେଆଇନ୍ ଭାବେ ସାରର କଳାବଜାରୀ କରିବା ସହ ବିନା ଲାଇସେନ୍ସରେ ବେପାର ଚଳାଉଥିବାର ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ବ୍ଲକ କୃଷି ଅଧିକାରୀ ଅଜୟ କର ଏ ନେଇ ତତ୍ପରତା ଦେଖାଇଥିଲେ । ଗତକାଲି ସନ୍ଧ୍ୟାରେ ବାଣପୁର ତହସିଲଦାର ପ୍ରମୋଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଅଧିକାରୀ ଶ୍ରୀ କର ଏବଂ ସହକାରୀ କୃଷି ଅଧିକାରୀ ମୋନାଲିସା ମିଶ୍ର ଉକ୍ତ ଦୁଇ ସାର ଗୋଦାମ ଉପରେ ଚଢ଼ାଉ କରିବା ସହ ସମ୍ପୃକ୍ତ ଗୋଦାମ ଦ୍ୱୟକୁ ଜଉମୁଦା ସିଲ୍ କରିଥିଲେ ।

## ଧାମନଗରରେ ଧଳା ଜହର, ଘେରାମଦ ସାଙ୍ଗକୁ ଏବେ ଦେହ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି

ଭଦ୍ରକ, ୨୯।୭(ପି.ଏନ):- ଧାମନଗର ବ୍ଲକରେ ଘେରା ମଦ କାରବାର ବୃଦ୍ଧି ପାଉଥିବାବେଳେ ଏବେ ଧଳାଜହର କାରବାରରେ କୋମଳମତୀ ଯୁବକ ମାନେ ନିଶାଶକ୍ତ ହେଉଥିବାବେଳେ ଧାମନଗରର ମୁଖ୍ୟ ବଜାର ଉପରେ ଦେହ ବ୍ୟବସାୟ ସମସ୍ତଙ୍କୁ ଚକିତ କରିଛି । ଧାମନଗର ଏକ ଭାଇଘରା ଅଂଚଳରେ ଏପରି ଘଟଣା ସମଗ୍ର ଧାମନଗର ଅଂଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି । ଧାମନଗର ମେଡ଼ିକାଲ ବଜାର ରାସ୍ତାର ହାଇସ୍କୁଲ ସନ୍ନିକଟ ଏକ ଝୁମ୍ପୁଡ଼ି ଘରେ ଦୀର୍ଘଦିନ ହେବ ଚାଲିଛି ଏହି ଦେହ ବ୍ୟବସାୟ । ପ୍ରାୟ ୩ ମାସତଳେ ଲଗାତର ଭାବରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶନ ପରେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗିନଥିଲା । ଖୋଲମ୍ଖୋଲା ଭାବେ ବେଧଡ଼କରେ ଏହି ଦେହ ବ୍ୟବସାୟ କାହା ଇଂଗିତରେ ଚାଲିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପ୍ରକାଶ ଥାଉକି ଏହି ଛୁମ୍ପୁଡ଼ି ଘରେ ଯାଜପୁର ଅଂଚଳର ଜଣେ ଯୁବତୀକୁ ଆଣି ପ୍ରାୟ ୩ମାସ କାଳରଖି ଦେହବ୍ୟବସାୟରେ ଲଗାଇଥିଲେ । ଯୁବତୀ ଜଣକ ଏହି କାର୍ଯ୍ୟକୁ ବିରୋଧ କରୁଥିଲେ ମଧ୍ୟ ତାଙ୍କୁ ବିଭିନ୍ନ ଯୁବକଙ୍କ ସହିତ ଶାରିରୀକ ସମ୍ପର୍କ ରଖିବା ପାଇଁ ବାଧ କରାଯାଉଥିଲା । ଏପରିକି ତାଙ୍କୁ ସିଗାରେଟ ଚେଙ୍କ ମଧ୍ୟ ଦିଆଯାଇଥିଲା । ବାଧହୋଇ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ମଧ୍ୟ ଏହି ଘୃଣ୍ୟ କାର୍ଯ୍ୟରେ ଦେହ ଦାନ କରୁଥିଲେ । ଏହି ଧାମନଗରକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଗରାଖ ଆସି ଏହି ଝୁମ୍ପୁଡ଼ିଘରେ ଉକ୍ତ ଯୁବତୀ ସହିତ ସମ୍ପର୍କ ରଖୁଥିଲେ । କାଳକ୍ରମେ ଯୁବତୀ ଜଣକ ଉକ୍ତ ଦଲାଲଙ୍କ କବଳରୁ ଖସିପଳାଇଥିଲେ । ପରବର୍ତ୍ତି ସମୟରେ ଯାଜପୁର ଅଂଚଳର ତାଙ୍କର ସମ୍ପର୍କୀୟ ମା' ଧାମନଗରରେ ଆସି ତାଙ୍କ ଝିଅକୁ ଖୋଜାଖୋଜି କରିବାପରେ ଘଟଣା ପଦାକୁ ଆସିଥିଲା । ଧାମନଗର ଅଂଚଳର ଜୈନିକ ଜୋତାଦୋକାନି ଓ ଔଷଧଦୋକାନି ଏହି ଝିଅକୁଆଣି ଏହି ଘୃଣ୍ୟ କାମରେ ଲଗାଇଥିବାର ଖବର ଜଣାପଡ଼ିଥିଲା । ସେତେବେଳେ ଧାମନଗର ଥାନାରେ ମହିଳା ଜଣକ ଅଭିଯୋଗ କରିବାପରେ ପୋଲିସ ତାଙ୍କୁ ଯାଜପୁର ଥାନରେ ଅଭିଯୋଗ କରିବାପାଇଁ କହିଥିଲେ । ହେଲେ ଘଟଣା ଘଟିଛି ଧାମନଗରରେ ଅଭିଯୋଗ କରିବେ ଯାଜପୁରରେ ଏହା କେଉଁ ଆଇନ୍ ସଂଗତ କଥା ? ପୋଲିସର ଏପରି ଉତ୍ତର ନେଇ ନିରୁପାୟ ହୋଇ ମହିଳା ଜଣକ ସାମ୍ବାଦିକ ମାନଙ୍କ ନିକଟରେ ଆଶ୍ରୟ ନେଇଥିଲେ । ସେତେବେଳେ ବାରମ୍ବାର ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଏହି ଦେହବେପାରି ଦଲାଲମାନେ ଛତ୍ରଭଙ୍ଗ ଦେଇଥିଲେ । ପୁଣି ଏବେ ସେହିକାର୍ଯ୍ୟ ପୁନଃର୍ବାର ସେହି କୋଠିରେ ଏହି ଦେହ ବ୍ୟବସାୟ ଚାଲିଛି । ଏନେଇ ପୋଲିସ ଭୂମିକାକୁ ମଧ୍ୟ ଏଠାରେ ସନ୍ଦେହ ଆଖିରେ ଦେଖାଯାଇପାରେ । ନିକଟରେ ପିଡ଼ିତା ଜଣକ କେତେକ ଗଣମାଧ୍ୟମ ସାମ୍ନାକୁ ଆସି ଏପରି ଖରାପ କାମ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଧ୍ୟ ପ୍ରଶାସନକୁ ଅନୁରୋଧ କରିଥିଲେ । ତେବେ ଧାମନଗର ଏନ୍ଏସି ଅଂଚଳର ଏକ ଜନଗହଳ ପୂର୍ଣ୍ଣ ଅଞ୍ଚଳରେ ଏପରିକାର୍ଯ୍ୟ ଚାଲୁଥିଲା ସ୍ଥାନୀୟ ପୋଲିସ କିପରି ଭାବରେ ଏହି ଘଟଣାର ଟେର ପାଉନାହିଁ । ନିର୍ଦ୍ଦିଷ୍ଟ ଏକ ସମ୍ପ୍ରଦାୟର କିଛି ଯୁବକ ଅନ୍ୟଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବତୀ ଓ ବିବାହିତା ମହିଳାମାନଙ୍କୁ ଏହି କୋଠିକୁ ଆଣି ସେମାନଙ୍କୁ ମୋଟା ଅଙ୍କର ଅର୍ଥ ପ୍ରଲୋଭନ ଦେଖାଇ ଦେହ ବ୍ୟବସାୟରେ ଲଗାଇ ଆଇନ୍ ଆଖିରେ ଧୂଳିଦେଇ ଦଲାଲମାନେ ମାଲେମାଲ ହେଉଛନ୍ତି । ଏହି କୋଠିଟି ଏକ ସରକାରୀ ଅନାବାଦୀ ଜାଗା ହୋଇଥିବାବେଳେ ଏହି ଜାଗାରେ ଝୁମ୍ପୁଡ଼ି ଘରକରି ଜୋର ଜବରଦସ୍ତ ଜାଗା ମାଡ଼ିବସି ଏପରି ବେଆଇନ୍ କାର୍ଯ୍ୟ କରାଯାଉଥିଲେ ମଧ୍ୟ ସ୍ଥାନୀୟ ତହସିଲଦାର ଓ ଥାନାଅଧିକାରୀ କାହିଁକି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ଯଦି ଉକ୍ତ ସରକାରୀ ଜାଗାଟିକୁ ସରକାର ନିଜଅକ୍ତିଆରକୁ ନେଇପାରନ୍ତା ସେଠାରେ ଏପରି ଖରାପ କାମ ହୋଇପାରନ୍ତା ନାହିଁ । ଏହି ସରକାରୀ ଜାଗାରେ ଏପରି କାର୍ଯ୍ୟ ହେଉଥିବାର ମୋ ଦୃଷ୍ଟିଗୋଚରକୁ ଆସିନାହିଁ ଏ ଦୀଗରେ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଭାରପ୍ରାପ୍ତ ତହସିଲଦାର ଦୁର୍ଗାଚରଣ ମୁର୍ମୁ ପ୍ରକାଶ କରିଛନ୍ତି । ନୂଆକରି ଥାନାରେ ଯୋଗଦେଇଛି, ଏପରି ଘଟଣା ମୋ ଦୃଷ୍ଟି ଗୋଚରକୁ ଏବଂ କୌଣସି ବ୍ୟକ୍ତି ଅଭିଯୋଗ ମଧ୍ୟ କରିନାହାନ୍ତି ତେବେ ଖୁବ୍ ଶୀଘ୍ର ଘଟଣାର ତଦନ୍ତ କରାଯିବବୋଲି ଥାନାଅଧିକାରୀ ପ୍ରଦୀପ କୁମାର ମହନ୍ତ ଆମପ୍ରତିନିଧିଙ୍କୁ ଜଣାଇଛନ୍ତି । ଅପରପକ୍ଷେ ଧାମନଗର ପୋଲିସ ସନ୍ଦେହ ଘେରକୁ ଆସୁଥିବା ଯୁବକମାନଙ୍କୁ ଥାନାକୁ ଡ଼ାକି ପଚରା ଉଚୁରା କରିବା ସହିତ ସମ୍ପୃକ୍ତ କୋଠି ଉପରେ ବାରମ୍ବାର ଚଢାଉକଲେ ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରିବ ଏବଂ ବିଭିନ୍ନ ପରିତ୍ୟକ୍ତ ଗୃହ ଉପରେ ଚଢାଉ କରିବା ସହିତ ଦଲାଲ ମାନଙ୍କ ପ୍ରତି ତିକ୍ଷ୍ଣ ନଜର ରଖିଲେ ଆପାତତ୍ ଏପରି କାର୍ଯ୍ୟ ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରୁ ଶୁଣିବାକୁ ମିଳିଛି ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁଲାଇ ୩୦

## ମୁହଁରେ ହସ ! ମନରେ ବିଷ !!

ମଣିଷ ଏକାକୀ ଜନ୍ମହୋଇ ଏକାକୀ ମୃତ୍ୟୁବରଣ କରୁଥିବା ଶିକ୍ଷା କାହାକୁ ଦେବା ଆବଶ୍ୟକ ନୁହେଁ । କାରଣ ଏହା ଆମ ପରିପାର୍ଶ୍ୱିକ ପରିସ୍ଥିତିରୁ ଅନୁଧ୍ୟାନ କରି ଶିଖିଥିବା, ଦେଖିଥିବା ଏକ ଦେହସୁହା ଘଟଣାବଳୀର ଅଂଶବିଶେଷ । ଜନ୍ମ ହେବାପରେ ମା' କୋଳରେ ବଢ଼ି, ବାପାଙ୍କ ସାନିଧ୍ୟ ଲାଭ କରି ପରିବାର ସ୍ୱଜନଙ୍କ ଶ୍ରଦ୍ଧା ଆଉ ଆନ୍ତରିକତାରେ ଭରପୁର ଜୀବନ, ଯୌବନରେ ସ୍ତ୍ରୀ ପ୍ରାପ୍ତି ହୋଇ ଶେଷରେ ଜନ୍ମିତ ପୁତ୍ର ସନ୍ତାନ ହାତରୁ ମୁଖାଗ୍ନିରେ ନିସ୍ତାର ମଣିଷ ଜୀବନରେ ଅନେକ କିଛି ଘଟଣ, ଅଘଟଣ ପାର କରି ବିଲୀନ ହୋଇଯାଏ ଶରୀର ଆମର ସେହି ପ୍ରକୃତି କୋଳରେ ଯିଏ ଆମକୁ ଦିନେ ଜନ୍ମ ଦେଇଥିଲା । ଏତିକି ହିଁ ମଣିଷ ଜୀବନର ସବୁଠାରୁ ଅଧିକ ମୂଲ୍ୟବୋଧତା, ବଂଚିଥିବା ମଧ୍ୟରେ ନିଜର ପ୍ରବାହିତ ଚରିତ୍ରରେ ଅନ୍ୟକୁ ସନ୍ତୁଷ୍ଟ, ମୋହିତ କରିପାରେ ଯିଏ ମରିବା ପରେ ପ୍ରଶଂସା ପାଇଥାଏ, ଏବଂ ଅସାମାଜିକ, ଅନୈତିକ କାର୍ଯ୍ୟରେ ଲିପ୍ତ ଅମାନବୀୟ ଚରିତ୍ର ପ୍ରବାହ କରୁଥିବା ମଣିଷଟି ମୃତ୍ୟୁ ପରେ ଅନ୍ୟମାନଙ୍କ ଦ୍ୱାରା ନିନ୍ଦିତ ହୋଇଥାଏ । ମୃତ୍ୟୁ ପରବର୍ତ୍ତୀ ନିନ୍ଦା, ପ୍ରଶଂସାର କୌଣସି ଅନୁଭବ ସମ୍ପୃକ୍ତ ମଣିଷ ପାଇଁ ରହୁନଥିବା ଏକାନ୍ତ ସତ୍ୟ ହୋଇଥଲେ ମଧ୍ୟ ତାହା ସେହି ବ୍ୟକ୍ତିର ଛାଡି ଯାଇଥିବା ପରିବାର ପ୍ରତି ଏକ ସଂଚିତ ସମ୍ପତ୍ତି ସଦୃଶ୍ୟ ହୋଇଥାଏ ।ଥରେ ମୃତ୍ୟୁ ହେବାପରେ ପୁନର୍ବାର ସେହି ପରିବାରରେ ଜନ୍ମ ନେଇ ନୂତନ ଜୀବନ ଆରମ୍ଭ କରାଯିବା ଭଳି ଘଟଣା ଆଜି ପର୍ଯ୍ୟନ୍ତ ସୃଷ୍ଟି ଆରମ୍ଭରୁ କେହି ଦେଖିନାହାନ୍ତି, ଜାଣିନାହାନ୍ତି । ତଥାପି ଶେଷ ସମୟ ପର୍ଯ୍ୟନ୍ତ ଉପସ୍ଥିତ ପରିବାର ସହିତ ମଣିଷର ସଂଶ୍ଳିଷ୍ଟତା, ଆନ୍ତରିକତାର ସୀମା ନଥାଏ । ଆଉ ସେହି ପରିବାର ସହିତ ଯୋଡିହୋଇ ରହିଥିବା ମଧ୍ୟରେ ମଣିଷ ଦୈନନ୍ଦିନ ଜୀବନରେ କେତେଯେ ଅନୁଭୂତି ପାଇଥାଏ ତାହାର ମଧ୍ୟ ସୀମା ନାହିଁ । ସେହି ଅନୁଭୂତି ଗୁଡ଼ିକୁ ନେଇ କେତେଯେ ସ୍ୱାଭିମାନ, ରାଗ ରୋଷ, ସ୍ନେହ ମମତା, ଆନ୍ତରିକତା, ଭାବପ୍ରବଣତା, ଅଧିକାର ସାବ୍ୟସ୍ତ ପୂର୍ବକ ସାନଙ୍କୁ ସ୍ନେହ, ବଡ଼ଙ୍କୁ ସମ୍ମାନ ପ୍ରଦାନ କରି ସମୟ କଟିଯାଏ ପ୍ରତ୍ୟେକ ଦିନର ଜଣାପଡେ ନାହିଁ । ଆନନ୍ଦମୟ ଦୈନନ୍ଦିନ ଜୀବନରେ କୌଣସି ଅଘଟଣ କିମ୍ବା ପାରିବାରିକ ଅସନ୍ତୋଷ ଜନକ ପରିସ୍ଥିତି ମଣିଷ ମନକୁ ଦୋହଲାଇ ଦେଇଥାଏ ଯାହାର ସ୍ମରଣରେ ମଣିଷ ଦୁଃଖୀ ହୋଇପଡେ । ଠିକ ସେହିଭଳି କେତେକ ଦୁଃଖଦ ପରିସ୍ଥିତି ମଣିଷ ଜୀବନରେ ଆସିଥାଏ ଯାହାର ସମାଧାନ କାଠିକର ପାଠ ହୋଇଯାଏ ସମ୍ପୃକ୍ତ ମଣିଷ ପାଇଁ । ଜନ୍ମଦାତ୍ରୀ ମାତାଙ୍କ ଠାରୁ ଆରମ୍ଭ କରି ମୁଖାଗ୍ନି ଦେବାକୁ ଥିବା ଜନ୍ମିତ ପୁତ୍ର ସନ୍ତାନ ହେଉକି କନ୍ୟା ପର୍ଯ୍ୟନ୍ତ ବାସ୍ତବିକ ଦୁନିଆରେ କେହି କାହାର କିଛି ନୁହନ୍ତି ! ଏହି ପାରିବାରିକ ବନ୍ଧନ କେବଳ ଏକ ମାନବିକ ସଭ୍ୟ ସମାଜର କୃତ୍ରିମ ଉଦ୍ଭୃତି ଯାହା ଅନ୍ୟାନ୍ୟ ପ୍ରାଣୀଜଗତରେ ଦେଖିବାକୁ ମିଳେନାହିଁ । ତଥାପି ଅନ୍ୟାନ୍ୟ ପ୍ରାଣୀ ମାନେ ମଧ୍ୟ ଗୋଷ୍ଠବଦ୍ଧ ହୋଇ ରହିଥା'ନ୍ତି ଯାହା ସେମାନଙ୍କର ଗୋଟିଏ ପରିବାର ସଦୃଶ୍ୟ ହୋଇଥାଏ । କିନ୍ତୁ କୌଣସି ସମ୍ପର୍କର ସଜ୍ଞା କାର୍ଯ୍ୟ କରିନଥାଏ ସେମାନଙ୍କ ସମାଜରେ । ଜଣେ ଅନ୍ୟ ଜଣଙ୍କ ସହିତ କେବଳ ବନ୍ଧୁ ଭଳି ବ୍ୟବହାର କରିଥା'ନ୍ତି । ମଣିଷ କିନ୍ତୁ ଅଧିକ ଚଲାକ ହେତୁ ପାରିବାରିକ ସମ୍ପର୍କକୁ ସୁଦୃଢ଼ କରି ପରିପାର୍ଶ୍ୱିକ ପରିସ୍ଥିତି ହେତୁ ନିଜକୁ ସାମାଜିକ ସୁରକ୍ଷା ଦିଗରୁ ସମ୍ପର୍କ ସ୍ଥାପନ କରିଥାଏ ଯାହା ଅନ୍ୟାନ୍ୟ ପ୍ରାଣୀମାନେ ନିଜେହିଁ ନିଜର ସୁରକ୍ଷା କରିଥା'ନ୍ତି । ହେଲେ ମଣିଷର ଏହି ସମ୍ପର୍କ ଭାବଧାରା ମଧ୍ୟରୁ ଉଦ୍ଭୃତ ହୁଏ ଅନ୍ୟ ଏକ ଚରିତ୍ର ଯାହାକୁ କୁହାଯାଏ ସ୍ୱାର୍ଥ । ପୁଣି ସେହି ସ୍ୱାର୍ଥରୁ ଉଦ୍ଭୃତ ଅନ୍ୟ ଏକ ଚରିତ୍ର ପ୍ରବାହ କରିଥାଏ ମଣିଷ ଯାହା ହୁଏ ଇର୍ଷା । ତେଣୁ ଏହି ଦୁଇ ଚରିତ୍ର ଆଗରେ କୌଣସି ସମ୍ପର୍କ କାମ କରେନାହିଁ ଯାହା ସାଧାରଣରେ ବୁଝିବା କଷ୍ଟ !ପରିବାର ମଧ୍ୟରେ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିକୋଣରୁ କିଏ କାହାପ୍ରତି କେଉଁ ଭାବଧାରା ରଖି କିଭଳି ବ୍ୟବହାର କରିଥା'ନ୍ତି ସେଗୁଡ଼ିକୁ ସାଧାରଣରେ ମଣିଷ ବୁଝିପାରି ନଥାଏ । ଅନେକ ସମୟରେ ଏମିତି ଦେଖିବାକୁ ମିଳେ, କୌଣସି ଗୋଟିଏ ଉନ୍ନତ ଶାନ୍ତିପୂର୍ଣ୍ଣ ପରିବାର ମଧ୍ୟରେ ସବୁଥାଇ କିଛି ନଥିବା ଭଳି ରହୁଥା'ନ୍ତି ଘରର ସଦସ୍ୟ ବୃନ୍ଦ । କାରଣର ଉତ୍ତର ଅନ୍ୱେଷଣରେ ସମସ୍ତେ ଲାଗିପଡ଼ିଲେ ମଧ୍ୟ ବୁଝିବା କଷ୍ଟ ହୋଇଥାଏ ସେମାନଙ୍କ ପାଇଁ ! କାରଣ ଉପଯୁକ୍ତ ଚରିତ୍ର, ଚେହେରା ପରିସ୍ଥିତିକୁ ନେଇ କିଏ କେତେବେଳେ କାହାପ୍ରତି କେଉଁ ଭାବଧାରା ରଖି ରହିଥା'ନ୍ତି ଘର ଭିତରେ ସେସବୁ ବୁଝି ସମାଧାନର ବାଟ ଖୋଜି ସମାପ୍ତ କରିବା ଜ୍ଞାନ ବହିର୍ଭୁତ ନିର୍ବୋଧ କେତେ ଶିକ୍ଷା, କ୍ଷମତା ଥିଲେ ମଧ୍ୟ ସେଗୁଡିକୁ ବୁଝିବା ଏତେ ସହଜ ନୁହେଁ ଯିଏ ମୁହଁରେ ହସ, ମନରେ ବିଷ ଚରିତ୍ର ପ୍ରବାହ କରିଥାଏ ଘର ଭିତରେ ରହି ! ଗୋଟିଏ ଘରର ପାରିବାରିକ ସମ୍ପର୍କ ମଧ୍ୟରେ କିଏ କେତେବେଳେ କାହାପ୍ରତି ଏମିତି ବ୍ୟବହାର କାହିଁକି କରିବ ବୁଝିବା ଅତ୍ୟନ୍ତ ଜଟିଳ ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ ! କିନ୍ତୁ ତାହା ଜାଣିବା ପାଇଁ ପ୍ରଖର ଅନ୍ତର୍ଜ୍ଞାନର ଆବଶ୍ୟକ ଯାହା ଅଧିକାଂଶ ମଣିଷଙ୍କ ପାଖରେ ଅଭାବ ରହିଛି । ସ୍ୱାର୍ଥାନ୍ଧ ଭାବଧାରା ବିଶିଷ୍ଟ ମଣିଷ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟମାନଙ୍କ ପ୍ରତି ଈର୍ଷାନ୍ୱିତ ଭାବ ପୋଷଣ କରି ସେମିତି ଚରିତ୍ର ପ୍ରବାହ କରିଥା'ନ୍ତି ଯାହା ଗୋଟିଏ ହସଖୁସିର ପରିବାରକୁ ଉଜାଡ଼ିଦେଇ ସମସ୍ତଙ୍କ ମନ ମଧ୍ୟରେ ବିଷ ଭରି ଦେଇଥାଏ । ତେଣୁ ଏହିଭଳି ପରିସ୍ଥିତିକୁ ମୁକାବିଲା କରିପାରିବା କ୍ଷମତା ବିହୀନ ମଣିଷ ଜୀବନସାରା ହନ୍ତସନ୍ତ ହୋଇ ବଂଚିବା ଛଡା ଅନ୍ୟ ଉପାୟ ଖୋଜି ବାହାର କରି ପାରୁନଥିବା ଭଳି ଏକ ଦୁଖଦଃ ପରିସ୍ଥିତିର ସମାଧାନ ଥିଲେ ମଧ୍ୟ ସାଧାରଣ ମଣିଷ ତାହାର ମୁକାବିଲା କରିବାରେ ଅସମର୍ଥ ହେତୁ ବହୁତ ପରିବାର ଆଜି ଦୁଃଖମୟ ଅବସ୍ଥାରେ ବଂଚୁଥିବା ଲକ୍ଷ କଲେ ଜାଣିହେବ । ଅଥବା ନିଜକୁ ନିଜେ ପଚାରି ବୁଝି ନିଜ ପରିସ୍ଥିତି ସହିତ ଯୋଡି ଦେଖିଲେ ଲେଖାଟିର ଉପଯୁକ୍ତତା ଜାଣିହେବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା........... !


ପଙ୍କଜ କୁମାର ପାଣିଗ୍ରାହୀ

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଚାଚା ନେହେରୁ


ଅକ୍ଷୟ କୁମାର ରାଉତ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତ, ଖାଆନ୍ତ, ପିଅନ୍ତ ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତ। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସଂାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର। 'ଆନନ୍ଦ ଭବନ' ରେ ଜବାହାରଲାଲ ଖୁସୀରେ ବଢ଼ିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତ। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ 'ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ' ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସଂୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ। ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚରି ଆଡେ ପ୍ରଚରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା। ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା। କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତ ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତ, ଗାଁ ଗହଳିରେ କିଛି ଲୋକ ଥାଆନ୍ତ ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତ, ସେ ହେଉଛନ୍ତ ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

ପ୍ରାକ୍ତନ ସଦସ୍ୟ,
ଓଡ଼ିଶା ସାହିତ୍ୟ ଏକାଡ଼େମୀ
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ସଙ୍କଟରେ ଆଫଗାନିସ୍ଥାନ

ଏସିଆ ମହାଦେଶର ରକ୍ତାକ୍ତ ଯୁଦ୍ଧଭୂମି ଭାବେ ଗତ ୪୦ବର୍ଷରୁ ଅଧିକ ସମୟ ଧରି ସଙ୍କଟରେ ଘାଣ୍ଟି ହେଉଛି ଆଫଗାନିସ୍ଥାନ । ଏକ ଦୁର୍ବଳ ପଡୋଶୀ ରାଷ୍ଟ୍ର ଭାବେ ଆଫାଗାନିସ୍ଥାନକୁ ରଖି ଆଜିଯାଏ ଭିନ୍ନ ଭିନ୍ନ ପ୍ରକାରେ ନିୟନ୍ତ୍ରଣ ଓ ଶୋଷଣ କରିଆସିଛି ପାକିସ୍ଥାନ । କେବେ ଆମେରିକାର ସହଯୋଗ ନେଇ ମୁଜାହିଦ୍ଦୀନ ଗୋଷ୍ଠୀ ନିର୍ମାଣ କରିଛି ତ କେବେ ପୁଣି ସନ୍ତ୍ରାସବାଦୀ ଗୋଷ୍ଠୀଗୁଡିକର ସହାୟତା ତାଲିବାନକୁ ଯୋଗାଇ ଦେଇ ଆସିଛି । ପାକିସ୍ଥାନର ଏହି ଷଡଯନ୍ତ୍ର ପଛରେ ଗୋଟିଏ ମନ୍ଦ ଉଦ୍ଦେଶ୍ୟ ହେଲା ଆଫଗାନିସ୍ଥାନକୁ ନିଜ ଅକ୍ତିଆରରେ ରଖି ଉପଯୋଗ କରିବା । ଆଫଗାନିସ୍ଥାନର ଆର୍ଥିକ ସ୍ଥିତିକୁ ଖରାପ କରିବା ଲାଗି ବ୍ରିଟିସ ସେନାଧିକାରୀଙ୍କ ସହାୟତାରେ ଅତୀତରେ କାଶ୍ମୀର ଦଖଲ ଅଭିଯାନ ହୋଇଥିଲା ଯାହାର ଫଳସ୍ୱରୂପ ଆଫଗାନିସ୍ଥାନ ସବୁଦିନ ପାଇଁ ଭାରତକୁ ସଡକପଥ ଯୋଗାଯୋଗ ସୁବିଧା ହରାଇ ବସିଲା । କେନ୍ଦ୍ର ଏସିଆ ସହ ଭାରତର ବାଣିଜ୍ୟିକ ସଂପର୍କର ସଡକପଥ ବନ୍ଦ କରିବା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା । ସେଥିପାଇଁ ଆର୍ଥିକ ଦୃଷ୍ଟିରୁ ଭାରତ ଆଜିଯାଏ ସତୁରୀବର୍ଷରୁ ଅଧିକ କାଳ କ୍ଷତି ସହି ଆସିଲା ବେଳେ ଆଫଗାନ ଲୋକେ ଏକ ପ୍ରକାର ବରବାଦ ହୋଇଗଲେ । ସେମାନେ ଶୁଖିଲା ଖାଦ୍ୟ ପଦାର୍ଥକୁ ଭାରତପରି ଏକ ବଡ ଦେଶକୁ ବିକ୍ରି କରି ଯେଉଁ ଲାଭ ପାଉଥିଲେ ତାହା ସମ୍ଭବ ନହେବାରୁ ସେମାନଙ୍କର ବାଣିଜ୍ୟିକ କ୍ଷତି ଢେର ଅଧିକ ହେଲା, ଯାହାର ସୁଯୋଗରେ ପାକିସ୍ଥାନର ଶାସକମାନେ ଆଫଗାନିସ୍ଥାନରେ ଆଜିଯାଏ ଅସ୍ଥିରତାକୁ କାଏମ କରି ଆସିଛନ୍ତି । ଆଫଗାନିସ୍ଥାନର ରାଜଶାସନ ୧୯୭୩ରେ ଅସ୍ଥିର ହେବାପରେ ରୁଷିଆ ଆଫଗାନିସ୍ଥାନରେ ପ୍ରଭାବ ବିସ୍ତାର କରିଥିଲା ୧୯୮୩ରେ ରୁଷିଆ- ଆଫଗାନ ଯୁଦ୍ଧ ହେଲା ଏବଂ ଆମେରିକା ରୁଷିଆର ପ୍ରଭାବ ହ୍ରାସ କରିବାକୁ ପାକ୍ ସହାୟତାରେ ମୁଜାହିଦ୍ଦୀନ ସୃଷ୍ଟି କଲା । ୧୯୯୧ରେ ଆଫଗାନିସ୍ଥାନ ପୂର୍ବ ରାଜା ହାଜି ମହମ୍ମଦ ଜାହିରଶାହ ଆଫଗାନିସ୍ଥାନର ବିକାଶ ପାଇଁ ଉଦ୍ୟମ କରିଥିଲେ ହେଁ ମୁଜାହିଦ୍ଦୀନ ଗୋଷ୍ଠୀର ବିରୋଧ ହେତୁ ସଫଳ ହୋଇପାରିଲେ ନାହିଁ । ତେବେ ଆଫଗାନିସ୍ଥାନର ରାଷ୍ଟ୍ରପତି ନଜିବୁଲ୍ଲା ଢେରଦିନ ଧରି ରୁଷ ସରକାରଙ୍କ ସହାୟତା କ୍ରମେ ସରକାରରେ ରହିଥିଲେ ମଧ୍ୟ ସୋଭିଏତ୍ ରୁଷିଆର ପତନ ଯୋଗୁ ଆର୍ଥିକ ଓ ସାମରିକ ସହାୟତା ନ ପାଇବାରୁ ଦୁର୍ବଳ ହେଲେ ଏବଂ ପରିଶେଷରେ ମୁଜାହିଦ୍ଦୀନ ଗୋଷ୍ଠୀ କାବୁଲକୁ ଦଖଲ କରି ବର୍ବରତାର ସହ ନଜିବୁଲ୍ଲାଙ୍କୁ ସର୍ବସମ୍ମୁଖରେ ଫାଶୀ ଦେଇଥିଲେ । ଦେଖିବାକୁ ଗଲେ ନଜିବୁଲ୍ଲାଙ୍କ ସରକାର ଆଫାଗାନିସ୍ଥାନର କ୍ଷମତାରୁ ୧୯୯୨ରେ ଯିବାପରଠାରୁ ଶାସନଗତ ଅସ୍ଥିରତା ଜାରିରହିଛି । ନଜିବୁଲ୍ଲା ୧୯୬୫ରୁ ୧୯୯୨ ଯାଏ ଆଫଗାନ ସେନାଧିକାରୀ ରହି ଆସିଥିଲେ । ତେଣୁ ସେ ରାଜାଙ୍କ ପରେ ସଫଳ ଶାସକ ଥିଲେ । ତାଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା, ପ୍ରଶାସନିକ ଅନୁଭବ ଅଧିକ ସହାୟକ ହୋଇଥିଲା । କିନ୍ତୁ ଆମେରିକା ସରକାର ନଜିବୁଲ୍ଲାଙ୍କୁ ହଟାଇ ନିଜ ପ୍ରଭୁତ୍ୱ ବୃଦ୍ଧି କରିବାକୁ ପାକ୍ ସରକାରଙ୍କ ସହାୟତାରେ ଯେଉଁ ସନ୍ତ୍ରାସବାଦୀ ଗୋଷ୍ଠୀ ସୃଷ୍ଟି କଲେ ତାର ପରିଣାମ ସ୍ୱରୂପ ଆମେରିକାର ୱାର୍ଲଡ ଟ୍ରେଡ ସେଣ୍ଟର ଧ୍ୱଂସ ପାଇଁ ଯୋଜନା ଆଫଗାନିସ୍ଥାନରୁ ହେଲା, ଯେଉଁଥିରେ ପାକ୍ ସରକାରଙ୍କ ସହମତି ରହିଥିଲା । ଏପରିକି ଆକ୍ରମଣ ପରେ ସନ୍ତ୍ରାସବାଦୀ ଲାଡେନକୁ ପାକ୍ ସରକାର ଦୀର୍ଘ ବର୍ଷ ଧରି ଶରଣ ଦେଇ ରଖି ଆସିଥିଲେ । କହିବାକୁ ଗଲେ ଆଫଗାନିସ୍ଥାନରୁ ରୁଷିଆ ସମର୍ଥିତ ନଜିବୁଲ୍ଲା ସରକାରକୁ ହଟାଇବାକୁ ପାକ୍ ଆମେରିକା ଅର୍ଥରେ ଡବଲ ଗେମ ଖେଳି ଉଭୟ ଆଫଗାନିସ୍ଥାନ ଏବଂ ଭାରତର କାଶ୍ମୀରକୁ ଅଶାନ୍ତ କରିବାକୁ ସକ୍ଷମ ହୋଇଥିଲା । ଆଫଗାନିସ୍ଥାନର ସନ୍ତ୍ରାସବାଦୀଙ୍କୁ କାଶ୍ମୀରକୁ ପଠାଇ ଧ୍ୱଂସଲୀଳା ସୃଷ୍ଟି କରିଥିଲା । ଆମେରିକାର ଅର୍ଥରେ ସନ୍ତ୍ରାସବାଦୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇ ଥିଲା ଯାହା ଆଜିଯାଏ ଦୀର୍ଘ ୪୦ବର୍ଷ ହେଲା କାର୍ଯ୍ୟ କରିଆସୁଛି । ପ୍ରତିବର୍ଷ ସେଠାରୁ ହଜାର ହଜାର ସନ୍ତ୍ରାସବାଦୀ ସୃଷ୍ଟିହୋଇ ସମଗ୍ର ବିଶ୍ୱକୁ ଅଶାନ୍ତ କରିବା ପାଇଁ ଯାଉଛନ୍ତି ଫଳରେ ମଧ୍ୟ ପ୍ରାଚ୍ୟ, ଇଉରୋପ, ଏସିଆ ଓ ଆଫ୍ରିକାରେ ଏହ ମୌଳବାଦୀ ମୁସଲିମ ଗୋଷ୍ଠୀ ଆଜି ଢେର ପ୍ରଭାବଶାଳୀ ହୋଇଛନ୍ତି । ସେମାନେ ଅନେକ ଦେଶରେ ଆଫଗାନିସ୍ଥାନ ପରି ସମସ୍ୟା ସୃଷ୍ଟି କରିବାକୁ ଚାହୁଁଛନ୍ତି । ଆଜି ମଧ୍ୟ ତାଲିବାନ ଗୋଷ୍ଠୀରେ ଏହି ସନ୍ତ୍ରାସବାଦୀମାନେ ପାକିସ୍ଥାନରୁ ଯାଇ ଯୋଗ ଦେଉଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କଲାପରେ ସେମାନଙ୍କ ଶବକୁ ଏବେ ପାକ୍ ସରକାରଙ୍କୁ ଆଫଗାନି କର୍ତ୍ତୃପକ୍ଷ ହସ୍ତାନ୍ତରଣ କରିଛନ୍ତି । ତେବେ ଆଜିର ଆଫଗାନିସ୍ଥାନ ସମସ୍ୟା ପାଇଁ ସବୁଠୁ ଅଧିକ ଆମେରିକା ଓ ପାକିସ୍ଥାନ ଏଥିପାଇଁ ଦାୟୀ । ଏହି ଦୁଇ ରାଷ୍ଟ୍ରର ସଂକୀର୍ଣ୍ଣ ଦୃଷ୍ଟିକୋଣ ଯୋଗୁ ଏବେ ଆଫଗାନିସ୍ଥାନ ସଙ୍କଟର ସମ୍ମୁଖୀନ । ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଭସ୍ମାସୁର ମାଡରେ ଘାଇଲା ହୋଇ ଦୀର୍ଘ ୧୯ ବର୍ଷ ହେଲା ନାଟୋ ବାହିନୀକୁ ଆଫଗାନିସ୍ଥାନରେ ରଖି ଆମେରିକା ବିଶେଷ କିଛି ସଫଳତା ଲାଭ କରିନପାରି ଏବେ ଲାଙ୍ଗୁଡ ଜାକି ସମସ୍ତଙ୍କ ଅଜାଣତରେ ରାତିରେ ଫେରିବାକୁ ବାଧ ହୋଇଛି। ଏପରିକି ଆଫଗାନିସ୍ଥାନରୁ ବିନା ମାଡରେ ବାହାରିବା ପାଇଁ ପ୍ରାୟ ୫୦୦୦ ସନ୍ତ୍ରାସବାଦୀଙ୍କୁ ଜେଲରୁ ମୁକ୍ତ କରାଇଛି । ସେହି ସନ୍ତ୍ରାସବାଦୀମାନେ ଜେଲରୁ ବାହାରିବା ପରେ ଏବେ ଅଧିକ ସକ୍ରୀୟ ହୋଇ ପାକିସ୍ଥାନର ସେନାଙ୍କ ସହ ମିଶି

ସୌମେନ୍ଦ୍ର ଜେନା

କାର୍ଯ୍ୟ କରୁଛନ୍ତି । ପାକ୍ ସେନାବାହିନୀର ଲୋକେ ସିଧାସଳଖ ତାଲିବାନର ନେତୃତ୍ୱ ନେଉଛନ୍ତି, ଆଇଏସ୍‌ଆଇ ଲୋକେ ସୂଚନା ଦେଉଛନ୍ତି । ଯାହାଫଳରେ ଏତେ କମ ଦିନରେ ଆକସ୍ମିକ ସଫଳତା ତାଲିବାନ ଗୋଷ୍ଠୀକୁ ମିଳିବା ଦେଖାଯାଉଛି । ପୂର୍ବପରି ଉତ୍ତର ଆଫଗାନିସ୍ଥାନର ଅଞ୍ଚଳକୁ ଦଖଲକୁ ନେବାକୁ ଚେଷ୍ଟା କଲାବେଳେ ବିଶେଷ ପ୍ରତିବନ୍ଧକ ଦେଖାଦେଇନାହିଁ । ଅତୀତରେ ତାଜିକ ଗୋଷ୍ଠୀ ତାଲିବାନର ପାସ୍ତୁନମାନଙ୍କୁ ପସନ୍ଦ କରୁନଥିବା ଯୋଗୁ ବିରୋଧ କରିଆସୁଥିଲେ । ତାଜିକସ୍ଥାନର ସୀମାରେ ରୁଷିଆର ସେନା ଜଗିରହିଥିଲେ ମଧ୍ୟ ତାଲିବାନ ଗୋଷ୍ଠୀକୁ ଆଦୌ ପ୍ରତିରୋଧ କରିନାହାନ୍ତି । କେବଳ ହଜାରା ଗୋଷ୍ଠୀର ଇସମାଇଲ ଖାଁ ତାଙ୍କର ଅନୁଗତମାନଙ୍କୁ ନେଇ ତାଲିବାନ ଗୋଷ୍ଠୀର ବିରୋଧ କରିଛନ୍ତି । ତାଲିବାନ ଓ ପାକିସ୍ଥାନ କର୍ତ୍ତୃପକ୍ଷ ରୁଷିଆର କର୍ତ୍ତୃପକ୍ଷଙ୍କୁ ତାଲିବାନ ସପକ୍ଷରେ ରହିବା ପାଇଁ କହିବା ପରେ ରୁଷିଆ ଆଫଗାନ ସରକାରଙ୍କୁ ସାହାଯ୍ୟ କରିବା ସମ୍ଭାବନା ବନ୍ଦ ହୋଇଯାଇଛି । ସେମିତି ଇରାନ ମଧ୍ୟ ତାଲିବାନ ଓ ଆଫଗାନ ସରକାର ମଧ୍ୟରେ ଆଲୋଚନାର ନେତୃତ୍ୱ ନେଉଛି । ସାଉଦି ଆରବ ଏବଂ କାତାର କର୍ତ୍ତୃପକ୍ଷ ତାଲିବାନ ସପକ୍ଷରେ ରହିଛନ୍ତି । ନାଟୋ ଗୋଷ୍ଠୀରେ ଥିବା ତୁର୍କୀ କାବୁଲ ବିମାନବନ୍ଦର ସୁରକ୍ଷା ଦାୟିତ୍ୱ ନେବ ବୋଲି କହି ଡବଲ ଗେମ ଖେଳିବା ଆଶଙ୍କା ଦେଖାଦେଇଛି । କାରଣ ତୁର୍କୀ ପାକ୍ ବନ୍ଧୁତା ସଂପର୍କରେ ସମସ୍ତେ ପରିଚିତ । ଦେଖିବାକୁ ଗଲେ ଆଫଗାନିସ୍ଥାନର ପଡୋଶୀ ପାକିସ୍ଥାନ ତାଲିବାନର ନେତୃତ୍ୱକୁ ସହଯୋଗ କରିବା ବେଳେ ଚୀନ ପାକ୍ କର୍ତ୍ତୃପକ୍ଷଙ୍କୁ ସମର୍ଥନ କରୁଛି । ଇରାନ, ତାଜିକିସ୍ଥାନ, ଉଜବେକିସ୍ଥାନ, ତୁର୍କମେନିସ୍ଥାନ ଆଦି ରାଷ୍ଟ୍ର ଏହି ମାମଲାରେ ନିଜ ସୀମାକୁ ଜଗି ଚୁପ ରହିବାପରି ଜଣାପଡୁଛନ୍ତି । ଏଠାରେ ଦେଖିବା କଥା ଯେ ଦୀର୍ଘ କୋଡିଏ ବର୍ଷ ପାଖାପାଖି ଆଫଗାନିସ୍ଥାନରେ ଆମେରିକା ସେନା ରହିଥିଲେ ମଧ୍ୟ ସ୍ଥାନୀୟ ସେନାବାହିନୀର ଆଧୁନିକୀକରଣ ଓ ପ୍ରଶିକ୍ଷଣ କ୍ଷେତ୍ରରେ ଯେପରି ସାହାଯ୍ୟ କରିବା କଥା ତାହା କରିନାହିଁ । ଏହା ପଛରେ ପାକିସ୍ଥାନର ଷଡଯନ୍ତ୍ର ରହିଛି । ଆଫଗାନ ସେନାର ଆଧୁନିକୀକରଣ କାର୍ଯ୍ୟକୁ ପାକ୍‌ସେନା ବିରୋଧ କରିଆସିଛି । ଏପରିକି ତାଲିବାନ ବିରୋଧୀ ପଦକ୍ଷେପ ଆଫଗାନ ସେନା ଗ୍ରହଣ କଲେ ପାକ ବିମାନ ବାହିନୀ ଆକ୍ରମଣ କରିବାକୁ ଧମକ ଦେଇଥିବା ବିଷୟ ତାଲିବାନ ସରକାରଙ୍କ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏବେ ଭାରତ ନିର୍ମିତ ପ୍ରକଳ୍ପଗୁଡିକ ଉପରେ ଆକ୍ରମଣ କରି ନଷ୍ଟ କରିବାକୁ ପାକ୍ ସେନା ତାଲିବାନ ଗୋଷ୍ଠୀକୁ ପରାମର୍ଶ ଦେଉଛି । ଏଣେ ଇସଲାମାବାଦସ୍ଥିତ ଆଫଗାନ ରାଷ୍ଟ୍ରଦୂତଙ୍କ ଝିଅକୁ ଅପହରଣ କରାଯାଇ ନିର୍ଯ୍ୟାତନା ଦିଆଯିବା ଯୋଗୁ ଆଫଗାନ ସରକାର ନିଜର ଦୂତାବାସ ବନ୍ଦ କରିଦେଇଛନ୍ତି । ପାକ୍ ସରକାର ଡୁରାଣ୍ଡ ଲାଇନକୁ ଦେଶର ସୀମାଭାବେ ଗ୍ରହଣ କରିବାକୁ ଆଫଗାନିସ୍ଥାନକୁ କହିଲେ ମଧ୍ୟ ଆଜିଯାଏ କୌଣସି ସରକାର ଏହାକୁ ଗ୍ରହଣ କରିନାହାନ୍ତି । ଲଢୁଆ ପାସ୍ତୁନମାନଙ୍କୁ ଦୁର୍ବଳ କରିବାକୁ ଡୁରାଣ୍ଡଙ୍କ ସମୟରେ ସେମାନଙ୍କ ଅଞ୍ଚଳକୁ ପାକ୍ ଓ ଆଫଗାନିସ୍ଥାନ ବାଣ୍ଟି ଦୁଇଭାଗ କରିଥିଲେ । ପାସ୍ତୁନ ଲୋକଙ୍କ ବସବାସ ଅଞ୍ଚଳ ଦୁଇଦେଶର ସୀମା ଭିତରେ ରହୁଥିବା ହେତୁ ସେମାନେ ତାର ଏକତ୍ରିକରଣ କରିବାକୁ ଚାହୁଁଛନ୍ତି । ଯେଉଁଥିପାଇଁ ତାଲିବାନର ସମର୍ଥକ ପାକ୍ ତାଲିବାନ ଗୋଷ୍ଠୀ ନିକଟରେ ଚୀନ ଦ୍ୱାରା ନିର୍ମିତ ହେଉଥିବା ଏକ ପ୍ରକଳ୍ପର ଇଞ୍ଜିନିଅରମାନଙ୍କ ଗାଡିରେ ବୋମା ଖଞ୍ଜିବାରୁ ପ୍ରାୟ ୯ଜଣ ଚୀନାଙ୍କ ସହ ୧୩ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ଏହି ପ୍ରକଳ୍ପରେ କାର୍ଯ୍ୟରତ ପାକିସ୍ଥାନୀଙ୍କୁ ଚୀନା ଅଧିକାରୀ ବାହାର କରି ଦେଇଛନ୍ତି । ପାକ୍ ସରକାର ପାସ୍ତୁନ ନେତାମାନଙ୍କୁ ନିୟନ୍ତ୍ରଣ କରିବାକୁ ଜେଲରେ ରଖିଲେ ମଧ୍ୟ ସେମାନଙ୍କ ସମର୍ଥକଗଣ ପାସ୍ତୁନମାନଙ୍କ ମୁକ୍ତିପାଇଁ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଆଫଗାନିସ୍ଥାନରେ ପରିସ୍ଥିତି ଦେଖି ଏବେ ପାକରେ ବସବାସ କରୁଥିବା ତିରିଶ ଲକ୍ଷ ପାସ୍ତୁନବାସୀ ଆଗାମୀ ଦିନରେ ପାକ୍ ସରକାରଙ୍କ ଚିନ୍ତାର କାରଣ ହେବେ । ଏମାନଙ୍କ ମଧ୍ୟରେ ଅନେକ ପାକ୍ ତାଲିବାନ ଗୋଷ୍ଠୀର ସମର୍ଥକ ରହିଛନ୍ତି । ଆଫଗାନ ସେନା ତାଲିବାନ ସେନାକୁ ଅନେକ ସ୍ଥାନରେ କୌଶଳକରି ସ୍ଥାନ ଛାଡିଦେବା ପରେ ପୁନର୍ବାର ସଂଗଠିତ ଆକ୍ରମଣ କରି ପୂର୍ବର ସ୍ଥାନକୁ ନିଜ ଦଖଲକୁ ନେବା ଖବର ପହଞ୍ଚିବାରେ ଲାଗିଛି । ଯେମିତି ଚମନ ସୀମା ଏବଂ କାନ୍ଦାହାରକୁ ସରକାରୀ ସେନା ତାଲିବାନ ହାତରୁ ଛଡାଇ ଆଣିଛି । ବାୟୁସେନା ଆକ୍ରମଣ କରି ଅନେକ ସ୍ଥାନରେ ଉଗ୍ରବାଦୀଙ୍କୁ ନଷ୍ଟ କରିବା ଖବର ପହଞ୍ଚିଛି । ତାଲିବାନ ଗୋଷ୍ଠୀ ଦେଶର ୮୫ ପ୍ରତିଶତ ଅଞ୍ଚଳକୁ ଦଖଲ କରିବା କଥା ଯାହା ପ୍ରଚାର ହୋଇଛି ତାହା ସତ ନୁହେଁ । ରାଜଧାନୀ କାବୁଲରେ ସରକାରୀ ସେନା ଓ ସଶସ୍ତ୍ର ଜନତା ତାଲିବାନ ଗୋଷ୍ଠୀକୁ ବିରୋଧ କରିବା ପାଇଁ ସଡକକୁ ଓହ୍ଲାଇଛନ୍ତି । ଗୋଟିଏ ପଟେ ବାହ୍ୟ ଶକ୍ତିର ସାମରିକ ସାହାଯ୍ୟ ନ ନେବାକୁ ରାଷ୍ଟ୍ରପତି ଅବଦୁଲ ଘନି ଘୋଷଣା କରିଥିଲେ ମଧ୍ୟ ଆଗାମୀ ଦିନର ସ୍ଥିତି କଣ ହେବ ଏବେଠୁ କହିବା ଠିକ୍ ହେବ ନାହିଁ । ଅଳ୍ପ ଶିକ୍ଷା ହାର, ସଂଖ୍ୟାଧିକ ଲଢୁଆ ଗୋଷ୍ଠୀ,ଅନେକ ବାହ୍ୟରାଷ୍ଟ୍ରର ପ୍ରଭୁତ୍ୱ ପାଇଁ ଆଗ୍ରହ, ଆଫଗାନସେନାର ଆଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ ଆଦି ଆଫଗାନିସ୍ଥାନକୁ କ୍ରମଶଃ ସଙ୍କଟ ଆଡକୁ ଟାଣିନେଇଛି । ଏକଥା ସତ ଯେ ପାଲେଷ୍ଟାଇନ ଓ ସିରିଆ ପାଇଁ ଯେତେ ଆଲୋଚନା ଆନ୍ତର୍ଜାତିକ ସ୍ତରରେ ହେଉଛି ସେତିକି ଆଫଗାନିସ୍ଥାନ ମାମଲାରେ ହେଉନାହିଁ । ଏପରିକି ମୁସଲିମ ରାଷ୍ଟ୍ର ସମୂହରେ ମଧ୍ୟ ଆଫଗାନିସ୍ଥାନ ପାଇଁ ଅଧିକ ଚିନ୍ତା ହେଉନାହିଁ । ତାସ୍‌କେଣ୍ଟ ଆଲୋଚନାରେ ଆଫଗାନ ରାଷ୍ଟ୍ରପତି ପ୍ରକୃତ ସମସ୍ୟା ଉଲ୍ଲେଖ କରିଥିଲେ ମଧ୍ୟ ଉପସ୍ଥିତ ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ଘୋଷଣା ହୋଇପାରିନାହିଁ । ରୁଷିଆର ରାଷ୍ଟ୍ରପତି ପୁଟିନ ଆଫଗାନ ମାମଲାରେ କୌଣସି ପ୍ରକାରେ ଭାରତକୁ ସାହାଯ୍ୟ କରିପାରିବେ ନାହିଁ ବୋଲି କହିବାର ଅର୍ଥ ତାଲିବାନକୁ ସମର୍ଥନ ଦେବା । ଭାରତ ସରକାରଙ୍କ ବଡ ଚିନ୍ତା ହେଲା ତିନି ବିଲିଅନ ଡଲାର ଖର୍ଚ୍ଚରେ ନିର୍ମିତ ପ୍ରକଳ୍ପଗୁଡିକର ଭବିଷ୍ୟତ । ସଲମା ଡ୍ୟାମଠାରୁ ପାର୍ଲ୍ୟାମେଣ୍ଟ ଭବନ, ଡେଲାରାମ,ଜରାଞ୍ଜି ସଡକଠାରୁ ବିଦ୍ୟୁତ ଯୋଗାଣ ପରି ୪୦୦ ପ୍ରକଳ୍ପ ଭାରତ ସେଠାରେ ହାତକୁ ନେଇଛି । ପୂର୍ବରୁ ତାଲିବାନ ପକ୍ଷରୁ ସଲମା ଡ୍ୟାମର ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ ହୋଇଥିଲା । ଆଫଗାନିସ୍ଥାନ ଏବେ ପୃଥିବୀର ସନ୍ତ୍ରାସବାଦୀଙ୍କ ଆଡ୍ଡାସ୍ଥଳୀ ହୋଇଛି । ତାଲିବାନ ସରକାର ସେଠାରେ ଆସିଲେ ସନ୍ତ୍ରାସବାଦୀମାନେ ପୃଥିବୀର ଅନେକ ରାଷ୍ଟ୍ରରେ ଉତ୍ସାହିତ ହୋଇ ଅଧିକ ଧ୍ୱଂସଲୀଳା ସୃଷ୍ଟି କରିବେ ଏଥିରେ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଭାରତର କେରଳରୁ ଅନେକ ଯୁବକ ଯୁବତୀ ତାଲିବାନ ଗୋଷ୍ଠୀରେ ସାମିଲ ହୋଇ ମୃତ୍ୟୁବରଣ କରିଛନ୍ତି ଅଥବା ଜେଲରେ ସଢୁଛନ୍ତି । କାବୁଲର ଗୁରୁଦ୍ୱାର ଆକ୍ରମଣରେ ୨୩ଜଣ ଶିଖଙ୍କ ହତ୍ୟାକାରୀ ଥିଲା କେରଳର ଜଣେ ମୁସଲିମ ସନ୍ତ୍ରାସବାଦୀ । ଏମାନେ କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରିପାରନ୍ତି । ତାଲିବାନ ଗୋଷ୍ଠୀ ମଧ୍ୟରେ ପାକ୍‌ସେନାର ଅଧିକାରୀମାନେ ସାମିଲ ହୋଇ ଆକ୍ରମଣର ନେତୃତ୍ୱ ନେଉଛନ୍ତି । ଆମେରିକାର ବିମାନ ଆକ୍ରମଣରେ ଅନେକ ତାଲିବାନ ସନ୍ତ୍ରାସୀ ମୃତ୍ୟୁବରଣ କଲାପରେ ପାକିସ୍ଥାନରୁ ସନ୍ତ୍ରାସବାଦୀଙ୍କୁ ଆଫଗାନିସ୍ଥାନକୁ ପଠାଯାଉଛି । ଆଗାମୀ ଦିନରେ ଚୀନ ଓ ପାକିସ୍ଥାନ ମିଳିତ ଭାବେ ସନ୍ତ୍ରାସବାଦୀଙ୍କ ବିରୋଧରେ ଲଢିବେ ବୋଲି ଘୋଷଣା କରିଛନ୍ତି, ଯାହାକୁ କହନ୍ତି ଲଙ୍କାରେ ହରିଶଦ୍ଦ । ତେଣୁ ଅସ୍ଥିର ଆଫଗାନିସ୍ଥାନ ଆଗାମୀ ଦିନରେ ଭାରତପରି ଅନେକ ରାଷ୍ଟ୍ରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩




# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ାକ୍ତର ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଟୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନିତ ହୋଇଛି । ଏତଦ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ବିପଦ ସଂକୁଳ ଅବସ୍ଥାରେ ମୁକୁଳା ହୋଇ ପଡିରହିଛି ଟ୍ରାନ୍ସଫର୍ମର



ରଣପୁର : ନୟାଗଡ ଜିଲା ଚାନ୍ଦପୁର ଠାରେ ଥିବା ବଂନ୍ତମଂଜରୀ ସ୍ୱାସ୍ଥ୍ୟ ନିବାସର ବର୍ହିବିଭାଗ ଚିକିତ୍ସାଳୟ ପାଖରେ ଥିବା ଟ୍ରାନ୍ସଫର୍ମରଟି ବିପଦ ସଂକୁଳ ଅବସ୍ଥାରେ ପଡିରହିଛି ଏବଂ ପାଖରେ ଗୋଟଏ ସରକାରୀ ସ୍କୁଲ ବି ଅଛି । ଏହି ବସନ୍ତ ମଂଜରୀ ମେଡିକାଲଟି ଏସିଆ ମାହାଦେଶର ଦ୍ୱିତୀୟ ସର୍ବବୃହତମ ଟିବି ମେଡିକାଲ ହୋଇଥିବାରୁ ଆଖପାଖ ଜିଲ୍ଲାର ହଜାର ହଜାର ସଂଖ୍ୟକ ରୋଗୀ ଆସୁଛନ୍ତି । ଏହି ଟ୍ରାନ୍ସଫର୍ମରର ଚାରିପାଖରେ କୌଣସି ତାର ଜାଲି କିମ୍ବା ପାଚେରୀ ନଥିବାରୁ ଫଳରେ ଲୋକ ଓ ବୁଲା ଗାଈଗୋରୁମାନେ ତାର ସଂସ୍ପର୍ଶରେ ଆସି ଧନଜୀବନ ହାନି ଘଟିବାର ଯଥେଷ୍ଟ ସମ୍ଭାବନା ଅଛି । ଯଦି କୌଣସି କାରଣରୁ ଦୁର୍ଘଟଣା ଘଟେ ସେଥିପାଇଁ ଦାୟୀ ରହିବେତ ମେଡିକାଲ କର୍ତ୍ତୃପକ୍ଷ ଏବଂ ବିଦ୍ୟୁତ ବିଭାଗ । କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଯଥାଶୀଘ୍ର ଏହି ଟ୍ରାନ୍ସଫର୍ମରର ଚାରିପାଖରେ ପାଚେରୀ ନିର୍ମାଣ କରିବା ପାଇଁ ଅଂଚଳବାସୀ ଏବଂ ନୟାଗଡ ଭାରତୀୟ ଜନତାପାର୍ଟିର ଜିଲା ସଂପାଦକ ତାପସରଜଂନ ମାର୍ଥା ଦାବି କରିଛନ୍ତି ।

# ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା(ସ୍ୱିପ) ରଥ'ର ଶୁଭାରମ୍ଭ

ବାଲେଶ୍ୱର(ପିଏନ)- ଉପ-ନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା (ସ୍ୱିପ) ରଥ'ର ଯାତ୍ରା ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ୩୨ଟି ସ୍ୱିପ ରଥ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ପରିକ୍ରମା କରି ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ । ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ




କରାଯାଇପାରିବ, ଇଭିଏମ-ଭିଭିପାଟ ମେସିନର ବ୍ୟବହାର ଏବଂ ଉପ-ନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏହି ରଥସବୁ ମତଦାତାମାନଙ୍କୁ ସଚେତନ କରାଇବେ । ଏତଦ୍ ଭିନ୍ନ ଉପ-ନିର୍ବାଚନ ବାବଦରେ ରହିଥିବା ଅନ୍ୟାନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ । ଏହି ରଥଗୁଡିକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସେକ୍ଟର ୱାରୀ ପରିକ୍ରମା କରି ମତଦାତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବେ । ଏଥିପାଇଁ ସେକ୍ଟର ଅଧିକାରୀ ଓ ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏହା ଦ୍ୱାରା ମତଦାତାମାନେ ଅଧିକ ସଚେତନ ହୋଇପାରିବେ ବୋଲି ଜିଲ୍ଲାପାଳ ଆଶାପ୍ରକଟ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲ୍ଲାପାଳ,ନିର୍ବାଚନ ଶ୍ରୀ ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେନ୍ଥକ୍ଷତ୍ସ୍;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେନ୍ଥକ୍ଷତ୍ସ୍;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାନ୍ଥକ୍ଷତ୍ସ୍;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡ୍‌ଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯନ୍‌ର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍‌ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ଫେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ତବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାରଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ୱିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ମର୍ଯ୍ୟାଦା ପୁରୁଷୋତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ



ଆମେ ଯଦି ଘୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଇଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶ୍ୱର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଧେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ୍ୟ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଡେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୁଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ୍ୟ ସାମାଜିକ ଉଚ୍ଛୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।

ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ - ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।

*"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"*

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତଟୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ୍ୟ ସେ ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ଓ ହନୁମାନଙ୍କୁ ମଧ୍ୟ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି - *"କହି କବି ଭଞ୍ଜ ବୀରବର ଦିବ୍ୟରସ/ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତ୍ତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"*

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମସ୍ତିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା**

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର (ପିଏନ୍): ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ଶାଖା ପକ୍ଷରୁ ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧାତ୍ମିକ ସନ୍ଥ ଅବଧୁତ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଆଭିମୁଖ୍ୟ ଓ ମାନବ ଜୀବନରେ ଏହି ଦିନର ମହତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଭାରତୀୟ ସଂସ୍କୃତିରେ ମହାବିଷ୍ଣୁବ ସଂକ୍ରାନ୍ତି ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିନଠାରୁ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହୋଇଥିବା ବେଳେ ଏହି ଦିନଠାରୁ କଳି ଯୁଗାବ୍ଦ ହିସାବ ଶୁଭାରମ୍ଭ ହୋଇଥାଏ ବୋଲି ସେ କହିଥିଲେ। ବିଶ୍ୱହିନ୍ଦୁ ପରିଷଦର ନଗର ସଭାପତି ଆଲୋକ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ମହାପାତ୍ର ମଂଚ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲିରେ 'ଭୂମି ସୁପୋଷଣ ଓ ସଂରକ୍ଷଣ' କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି (ପିଏନ୍): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମେହେନ୍ଦିପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତରଫରୁ ପ୍ରକୃତି ପୂଜନ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ସହିତ "ଭୂମି ସୁପୋଷଣ ଓ ସଂରକ୍ଷଣ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଖଣ୍ଡ ଗ୍ରାମବିକାଶ ପ୍ରମୁଖ ପ୍ରଦିପ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ବିଭାଗର ସହବିଭାଗ ସଙ୍ଘଚାଳକ ଡ. ଗୌତମ ମହାରଣା ଯୋଗଦେଇ ସମ୍ପ୍ରତି କୃଷିକ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଔଷଧ ଓ ହରମୋନ ବ୍ୟବହାର ଫଳରେ ମୃତିକା ନଷ୍ଟ ହେବା ସହ ଉପାର୍ଜିତ ଖାଦ୍ୟ ଶସ୍ୟ ବିଷାକ୍ତ ହେଉଥିବାରୁ ଜୈବିକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ଜିଲ୍ଲାର ସହ କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ, ନିଶ୍ଚିନ୍ତକୋଇଲି ଖଣ୍ଡ ବ୍ୟବସ୍ଥା ପ୍ରମୁଖ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋପୂଜା, ବୃକ୍ଷପୂଜା, ମୃତିକା ପୂଜା କରାଯାଇଥିଲା। ଅଯୋଧାରୁ ଆସିଥିବା ପବିତ୍ର ମୃତିକାକୁ ସମସ୍ତ ଜନ ସାଧାରଣଙ୍କ କ୍ଷେତରେ ପକାଇବା ପାଇଁ ବଂଟନ କରାଯାଇଥିଲା।

## 'ଆହ୍ୱାନ' ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ଜଳଛତ୍ର କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣି ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ପଣା ସଂକ୍ରାନ୍ତି ଦିବସରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆହ୍ୱାନ ସଭ୍ୟମାନଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ଗୋଖନା ବଜାର ଛକରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଫିତା କାଟି ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ସମୟରେ ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଏକ ଆଲୋଚନାଚକ୍ର ସମାଜସେବୀ ପାଣ୍ଡବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅଧ୍ୟାପକ ଅଶିତ୍ କୁମାର ମହାନ୍ତି ଯୋଗଦେଇ ଏହା ଓଡ଼ିଆମାନଙ୍କର ନୂତନ ବର୍ଷ ତଥା ହନୁମାନ ଜୟନ୍ତୀ ଏହି ଦିନଟି ଓଡ଼ିଆମାନଙ୍କର ଗର୍ବ ଓ ଗୌରବର ଦିନ ବୋଲି ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ପୁରସ୍କାର ଦେବା ସମୟରେ ଉପସ୍ଥିତ ନଥିବାରୁ ଉକ୍ତ ଚରିଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କର ଉକ୍ତ ଦିନରେ ପ୍ରଦାନ କରାଯାଇଥିଲା ଓ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ। ଦିଲ୍ଲୀପ କୁମାର ଦାସ, ଶ୍ରୀକାନ୍ତ ଜେନା, ତିଳୋତମା ଜେନା, ରୀତା ରାଉତ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ନଟବର ଜେନା, ବବିତା ମିଶ୍ର, ଜିତେନ୍ଦ୍ର ବେହେରା, ଜୟଦେବ ରାଉତ, ରାଜେଶ୍ୱର ସ୍ୱାଇଁ, ଗୋପାଳ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସମାପନ ପରେ ସଭ୍ୟମାନ ପଣା ସେବନ କରିଥିଲେ। ସର୍ବଶେଷରେ ଅକ୍ଷୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଗୋଚର ଜମିରେ ଶ୍ମଶାନ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମପଞ୍ଚାୟତର ବେଲରପା ଗ୍ରାମର ଅଧିବାସୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ଜନସଂଖ୍ୟା ୧୫ଶହ ହୋଇଥିବା ବେଳେ ଗ୍ରାମର ଅଧିବାସୀମାନେ ମୁଖ୍ୟତଃ ଚାଷ ଓ ଗୋପାଳନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେହି ଗ୍ରାମରେ ଆବଶ୍ୟକତା ଠାରୁ କମ ଗୋଚରଜମି ରହିଛି। ସେହିଜମି ଗୋରୁଙ୍କ ଚାରଣ ଭୂମି ଓ ମୃତକଙ୍କ ଶବଦାହ ପାଇଁ ବ୍ୟବହୃତ ହେଉଛି। ଗ୍ରାମର ବିଦ୍ୟାଳୟ ନିକଟରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜମି ଥିଲେ ମଧ୍ୟ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ଗୋଚର ଜମିରେ କରିବା ପାଇଁ କେତେକ ଖଳ ପ୍ରକୃତିର ଲୋକ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି। ସେହି ଶ୍ମସାନରେ ବିଷଧର ସର୍ପଙ୍କ ସମେତ ବହୁ ହିଂସ୍ରଯନ୍ତୁ ରହୁଥିବାରୁ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଲେ ଏହା ଭବିଷ୍ୟତରେ ଛୋଟ ଛୋଟ ପିଲାମାନଙ୍କ ଜୀବନ ପାଇଁ ବିପଦର କାରଣ ହେବ। ତେଣୁ ସେହି ଗୋଚର ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ କରାନଯାଇ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମାନସ ରାଉତ, ନଳିନୀକାନ୍ତ ସିଂ, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ଚିତ୍ରସେନ ରାଉତ, ବନ୍ଦନା ସାମଲ, ଦିବ୍ୟଲୋଚନ ମିଶ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି

## କେନ୍ଦ୍ରାପଡାରେ ମାସ୍କ ଚେକିଂ କଡାକଡି, ଅମାନିଆଙ୍କୁ ଜୋରିମାନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଟାଉନ ଥାନା ପୋଲିସର ମିଳିତ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହିତ ଜନସାଧାରଣଙ୍କୁ କୋଭିଡ ସମ୍ପର୍କରେ ସଚେତନତା କରାଯିବା ସହ ମାସ୍କ ବଣ୍ଟନ କରାଯାଇଛି। ଏଥିସହିତ ଅମାନିଆଙ୍କ ଠାରୁ ଜୋରିମାନା ମଧ୍ୟ ଆଦାୟ ହୋଇଛି। କୋଭିଡ ସଂକ୍ରମଣର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସଂକ୍ରମଣ ରୋକିବାକୁ ୧୪ଦିନିଆ ମାସ୍କ ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିବା ବେଳେ ମାସ୍କ ନପିନ୍ଧିଲେ ଦୁଇଗୁଣା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।। କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡ, ସାନ୍ତସାହି, ନୂଆବସଷ୍ଟାଣ୍ଡ, ମଢିଆଳ, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ମାସ୍କ ଚେକିଂକୁ କଡାକଡି କରାଯିବା ସହ ମାସ୍କ ପିନ୍ଧି ନଥିବା ଅମାନିଆମାନଙ୍କ ଠାରୁ ୨ହଜାର ଟଙ୍କା ଲେଖାଁଏ ଜୋରିମାନା ଆଦାୟ କରାଯାଇଛି। ଏହି ମାସ୍କ ଚେକିଂ, ସଚେତନତା ଓ ମାସ୍କ ବଣ୍ଟନ ସମୟରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୌମ୍ୟରଞ୍ଜନ ଜାଲି,ଟାଉନ ସର୍କଲ ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡା, ଉପଜିଲ୍ଲାପାଳଙ୍କ ଷ୍ଟାଫ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ଥାନା ପୋଲିସ ପକ୍ଷରୁ ମାସ୍କ ପିନ୍ଧି ନଥିବା ଅମାନିଆଙ୍କ ଠାରୁ ୨୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୦ହଜାର ୭ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ପଛୁଆବର୍ଗଙ୍କ ସାମାଜିକ ଶିକ୍ଷାଗତ ସ୍ଥିତି ସର୍ଭେ ପାଇଁ ତାଲିମ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ପଛୁଆବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ପଛୁଆବର୍ଗ କମିଶନ ଆସନ୍ତା ମଇମାସ ୧ତାରିଖରୁ ୨୫ତାରିଖ ମଧ୍ୟରେ ରାଜ୍ୟରେ ବାସ କରୁଥିବା ପଛୁଆବର୍ଗର ଲୋକମାନଙ୍କ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାଇ ରାଜ୍ୟ ସ୍ତରରୁ ତାଲିମ ନେଇ ଆସିଥିବା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ପ୍ରଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉଦଘାଟନ କରି ନିର୍ଭୁଲ ସର୍ଭେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ମନ୍ଦରଧର ମାହାଳିକ ପ୍ରମୁଖ ଯୋଗଦେଇ ସର୍ଭେର ଲକ୍ଷ୍ୟ, କାର୍ଯ୍ୟକାରିତା ପ୍ରଭୃତି ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଜିଲ୍ଲାର ମୁଖ୍ୟ ତାଲିମ ପ୍ରଦାମନକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ଅନ୍ୟତମ ପ୍ରଶିକ୍ଷକ କେନ୍ଦ୍ରାପଡା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ପ୍ରଶିକ୍ଷ୍ୟାର୍ଥିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ମଇମାସ ୨୦ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ୨୮ ତାରିଖ ମଧ୍ୟରେ ୨ୟ ପର୍ଯ୍ୟାୟ ଏନୁମରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି ତାଲିମ ଶିବିରରେ ବିଡିଓ, ଏବିଡିଓ, ତହସିଲଦାର ଓ ସିଡିପିଓମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତର ଦେପୁର ଗ୍ରାମରେ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମହିଳାମାନଙ୍କ ଦ୍ୱାରା ଗୋବରୀ ନଦୀର ବରୁଣାଇ ଘାଟରୁ ୧୦୮ କଳସ ଶୋଭାଯାତ୍ରା ସହିତ ସୂର୍ଯ୍ୟପୂଜା ନୂତନ ବିଗ୍ରହ ସ୍ଥାପନ, ହୋମଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୁଦନ ରାଉତ, ସରୋଜକାନ୍ତ ବେହେରା, ହେମନ୍ତ ବେହେରା, ନକୁଳ ରାଉତ, ପ୍ରଫୁଲ ବେହେରା, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସଂପଦ କୁମାର ସାମଲ, ପୁର୍ଣ୍ଣଚନ୍ଦ୍ର ପତି, ଦିବାକର ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ବସନ୍ତ କୁମାର ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗଦେଇ ହନୁମାନଙ୍କର ଆଶିର୍ବାଦ ଲାଭ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।

## ଅଜିତଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବନ୍ଧମୁଣ୍ଡା ୧୦ ନମ୍ବର ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଅଜିତ ଶାହା (ଜିଲା)ଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏକ ଶୋକବାର୍ତ୍ତାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛନ୍ତି ଯେ, ସ୍ୱର୍ଗତ ଅଜିତ ଶାହା କଂଗ୍ରେସ ଦଳରେ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାମ କରି ଦଳ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବନ୍ଧମୁଣ୍ଡା ଅଞ୍ଚଳରେ ସାଧାରଣ ଲୋକଙ୍କ ସୁଖଦୁଃଖରେ ସର୍ବଦା ସାମିଲ୍ ହୋଇ ସବୁଶ୍ରେଣୀର ଲୋକମାନଙ୍କର ବେଶ୍ ପ୍ରିୟ ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ବନ୍ଧମୁଣ୍ଡା ଅଞ୍ଚଳ ସମେତ କଂଗ୍ରେସ ପରିବାର ପାଇଁ ଏକ ବିଶେଷ କ୍ଷତି ବୋଲି ଶ୍ରୀ ତିର୍କୀ ଉଲ୍ଲେଖ କରି ଏହି ଅସମୟରେ ଈଶ୍ୱର ତାଙ୍କ ପରିବାରକୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ସୁଦନ ତନ୍ତୀ, ବନ୍ଧମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର ରଜାକ, ବନ୍ଧମୁଣ୍ଡା କଂଗ୍ରେସ ନେତା ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ଶଙ୍କର ଅଗ୍ରୱାଲ, ନରେନ୍ଦ୍ର ବର୍ମା, ଶୋଭା ସିଂହ, ଗୀତା ସାହୁ, ବିର୍‌ସା ମୁଣ୍ଡା, ପୀତାମ୍ବର ପଣ୍ଡା, କୁନା ମିଶ୍ର, ଫିଲିସିତା ଚାରୁଆ, ମହେଶ୍ୱର ତନ୍ତୀ, କୁଅଁରସିଂହ ପିୟୁ, ବାବୁ ମଲ୍ଲିକ, ଅନୀଲ ପାତ୍ର, ଏମ୍‌ଡି ଇରଫାନ, ଏଚ୍.ଆର୍. ପାଣି, ସରଦେଶ ସିଂହ, ଓବିସି ଅଧକ୍ଷ କୈଳାସ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ସେବାଦଳ ଅଧକ୍ଷ ବିନୋଦ ରାଉତ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସର ଜିଲ୍ଲା ଅଧକ୍ଷ ଚକ୍ରଧର ମାହାତୋ, କୃଷକ କଂଗ୍ରେସ ରାଉରକେଲା ଅଧକ୍ଷ ମନମୋହନ ଓରାମ, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଲିଗାଲ ସେଲ ଅଧକ୍ଷ ତଥା ଆଇନଜୀବୀ ବିସ୍ମୟ ଦାସ, ଏସ୍‌ଟି ସେଲ୍ ଅଧକ୍ଷ ରାଜେଶ ଟପ୍ପୋ ପ୍ରମୁଖ ସ୍ୱର୍ଗତ ଶାହାଙ୍କ ବିୟୋଗରେ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ବଦଳି

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାର ଭାରପ୍ରାପ୍ତ ଇନସପେକ୍ଟରମାନଙ୍କ ବିଭିନ୍ନ ଥାନାକୁ ବଦଳି ହୋଇଥିବା ସମ୍ପର୍କରେ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶନାମା ଗୁରୁବାର ପ୍ରକାଶ ପାଇଛି। ବଦଳି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଥିବା ଇନସପେକ୍ଟର ପରେଶ କୁମାର ମହାନ୍ତିଙ୍କୁ ଜମ୍ବୁ ସାମୁଦ୍ରିକ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ସେଠାରେ ଥିବା ଇନସପେକ୍ଟର ମହେଶ୍ୱର ସେଠୀଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନାକୁ ବଦଳି କରାଯାଇଛି । ତନ୍ତିଆପାଳ ସାମୁଦ୍ରିକ ଥାନାର ଇନସପେକ୍ଟର ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ଡେରାବିଶି ଥାନାକୁ ବଦଳି କରାଯାଇଥିବା ବେଳେ ସେଠାରେ ଥିବା ଇନସପେକ୍ଟର ସୁମନ୍ତ କିଷାନଙ୍କୁ କେନ୍ଦ୍ରାପଡା ଟାଉନ ଥାନାର ଅତିରିକ୍ତ ଭାରପ୍ରାପ୍ତ ଇନସପେକ୍ଟର ଭାବେ ବଦଳି କରାଯାଇଛି। ଟାଉନ ଥାନାରେ ଅତିରିକ୍ତ ଭାରପ୍ରାପ୍ତ ଇନସପେକ୍ଟର ସାଇମନ ଲାକ୍ରାଙ୍କୁ ପଟ୍ଟାମୁଣ୍ଡାଇ ଥାନାର ଅତିରିକ୍ତ ଭାରପ୍ରାପ୍ତ ଇନସପେକ୍ଟର ଭାବେ ବଦଳି କରାଯାଇଛି । ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନସପେକ୍ଟର କାଳନ୍ଦି ବେହେରାଙ୍କୁ ନିକିରାଇ ଥାନାକୁ ଭାରପ୍ରାପ୍ତ ଇନସପେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ସେଠାରେ ଥିବା କାବୁଲି ବାରିକଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ନିକଟରେ ପଦୋନ୍ନତି ପାଇ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଥିବା ଇନସପେକ୍ଟର ପ୍ରଦୀପ୍ତ କୁମାର କାନୁନଗୋଙ୍କୁ ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଭାବେ ବଦଳି କରାଯାଇଛି ।

## ଓଡ଼ିଶାରେ ନର୍ସରୀ ବିକାଶ ପାଇଁ ୱେଭ୍ ଓ କଡିଅମ୍ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ

ଭୁବନେଶ୍ୱର: ଓଡ଼ିଶାରେ ନର୍ସରୀ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଲକ୍ଷରେ ନିକଟରେ ରାଜ୍ୟର ୱାଲଡେନ୍ ଉଡ୍ସ ଇକୋ ଭିଲେଜ ଏବଂ ଆନ୍ଧ୍ରପ୍ରଦେଶର ସାର୍ ଆର୍ଥର କଟନ୍ ନର୍ସରୀ ଫାର୍ମର୍ସ ଆସୋସିଏସନ୍ (ଏସ୍.ଏ.ସି.ଏନ୍.ଏଫ୍.ଏ) ଓ କଡିଅମ ନର୍ସରୀ ଫାର୍ମର୍ସ ପ୍ରଡ୍ୟୁସର୍ସ ଆସୋସିଏସନ୍ (କେ.ଏନ୍.ଏଫ୍.ପି.ଏ) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ୱେଭ୍‌ର ପ୍ରତିଷ୍ଠାତା ବିଶିଷ୍ଟ ପରିବେଶବିତ୍ ତଥା ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ ଇକୋର ସଭାପତି ରାମକୃଷ୍ଣ ଦାଶ ଏବଂ ଆନ୍ଧ୍ରପ୍ରଦେଶର ନର୍ସରୀ ମଣିଷ ଭାବରେ କ୍ଷାତନାମା ଓ ଏସ୍.ଏ.ସି.ଏନ୍.ଏଫ୍.ଏ ଓ କେ.ଏନ୍.ଏଫ୍.ପି.ଏ ର ସଭାପତି ପୁଲ୍ଲା ସତ୍ୟଦେବ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ରାଜିନାମା ଅନୁଯାୟୀ ୱେଭ୍, ଓଡ଼ିଶାରେ ନାନା କିସମର ନର୍ସରୀର ବିକାଶ କରିବା ସକାଶେ କଡିଅମ୍‌ର ବିଶ୍ୱ ପ୍ରସିଦ୍ଧ 'ମଡେଲ'କୁ କାର୍ଯ୍ୟାନ୍ୱୟନ କରିବ। କଡିଅମ୍ ଠାରୁ ୱେଭ୍ ଫଳ, ପୁଷ୍ପ, ଲତା ଏବଂ ଗୁଳ୍ମର ଚାରା ଓ ବୃକ୍ଷ ଆଦିକୁ ସୁଲଭ ଦରରେ ଖରିଦ କରିବା ସହିତ ନର୍ସରୀ ନିର୍ମାଣରେ ଏହାର ସଫଳ ଅର୍ଥନୈତିକ ଖସଡ଼ାପତ୍ର, ବଜାର ଯୋଗସୂତ୍ର ଏବଂ ପରିଚାଳନା ଶୈଳୀକୁ ପ୍ରଣୟନ କରିବ। ଓଡ଼ିଶାରେ ୱେଭ୍ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାରଦର୍ଶିତା ସହିତ ନର୍ସରୀ ପ୍ରତିଷ୍ଠା କରିବା ଦିଗରେ କଡିଅମ୍ ଆବଶ୍ୟକୀୟ ବୈଷୟିକ ଜ୍ଞାନ କୌଶଳ, ଲଜିଷ୍ଟିକ୍ସ ସହଯୋଗ ଏବଂ ପେଶାଦାରୀ ତାଲିମ ଯୋଗାଇ ଦେବ ବୋଲି ଜଣାଯାଇଛି। ଫଳସ୍ୱରୂପ ୱେଭ୍‌ର କର୍ମଚାରୀମାନେ ଜ୍ଞାନ ଆହରଣ ଓ ତାଲିମ୍ ନେବା ପାଇଁ କଡିଅମ୍ ଗସ୍ତରେ ଯିବା ସାଙ୍ଗକୁ କଡିଅମ୍‌ର କର୍ମକର୍ତ୍ତାମାନେ ମଧ୍ୟ ଓଡ଼ିଶା ଆସି



ନର୍ସରୀର ଉଚ୍ଚ ଗୁଣାତ୍ମକ ମାନଦଣ୍ଡ ନିର୍ଧାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିବା ବିଷୟ ସ୍ଥିର କରାଯାଇଛି। ରାଜିନାମା ସ୍ୱାକ୍ଷର କରିବା ପରେ ୱେଭ୍‌ର ପରିଚାଳନା ଟ୍ରଷ୍ଟି ରାମକୃଷ୍ଣ ଦାଶ ଓଡ଼ିଶାରେ ପରିବେଶ ସୁରକ୍ଷା ଏବଂ ଶାଶ୍ୱତ ଗ୍ରାମୀଣ ବିକାଶକୁ ସମ୍ଭବପର କରିବା ପାଇଁ କଡିଅମ୍ ଭଳି ବ୍ୟାପକ ଭାବେ ସଫଳ ନମୁନାକୁ ଲାଗୁ କରିବା ସକାଶେ ସେ ଜନସାଧାରଣ, ପରିବେଶବିତ୍, ପ୍ରକୃତି ମିତ୍ର, ଶିଳ୍ପଦ୍ୟୋଗୀ, ଚାଷୀ, କୃଷି ବିଶେଷଜ୍ଞ ଏବଂ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସଚେତନ, ସମ୍ପୃକ୍ତ ଓ ପ୍ରୋତ୍ସାହିତ କରିବେ ବୋଲି ଘୋଷଣା କରିଥିଲେ। ଓଡ଼ିଶା, ଭାରତ ବର୍ଷର ଦୁଇ ନମ୍ବର ସର୍ବାଧୀକ ଜଳପ୍ରସୂ ପ୍ରଦେଶ ହୋଇଥିବା ସାଙ୍ଗକୁ ଏଠାରେ ୧୦ଟି ଆଗ୍ରୋ କ୍ଲାଇମେଟିକ୍ ଜୋନ୍ ରହିଥିବାରୁ କଡିଅମ୍ ସହିତ ସହଭାଗୀତା ଭୂମିଗତ ବାସ୍ତବିକତାକୁ ଆଧାର କରି ଚୂଡ଼ାନ୍ତ କରାଯାଇଥିବା, ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଚଳିତ ଚୁକ୍ତି ନାମା ଓଡ଼ିଶା ପାଇଁ ବହୁ ଭାବରେ ବରଦାନ ପ୍ରମାଣିତ ହେବା ସାଙ୍ଗକୁ ରାଜ୍ୟରେ ନର୍ସରୀର ମାନଚିତ୍ରକୁ ଆମୂଳଚୂଳ ଭାବେ ବଦଳାଇ ଦେବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ପରିବେଶ ଜଗତରେ ଆର.କେ. ଭାବରେ ପରିଚିତ ରାମକୃଷ୍ଣ ଦମ୍ଭ ବ୍ୟକ୍ତ କରିଛନ୍ତି।ସ୍ଥାନୀୟ ବାସୀନ୍ଦାମାନଙ୍କ ମଧ୍ୟରେ ଚାଣ୍ଡିଆ ଗାରୁ ଭାବରେ ଲୋକପ୍ରିୟ ପୁଲ୍ଲା ସତ୍ୟଦେବ, ଗୋଦାବରୀ ଉପତ୍ୟକାକୁ ଶସ୍ୟ ଶ୍ୟାମଳା କରିଥିବା ସାର୍ ଆରଥର୍ କଟନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କଡିଅମ୍‌ଠାରେ ପୃଥିବୀର ଅନ୍ୟତମ ବୃହତ୍ତମ ନର୍ସରୀ ସ୍ଥାପନ କରିବାର ଗୌରବ ଅର୍ଜନ କରିଛନ୍ତି। ବହୁବିଧ ଚାରା ଏବଂ ଗଛ ମହଜୁଦ ଥିବା ଏହି ନର୍ସରୀ କମ୍ପ୍ଲେକ୍ସରେ ମାତ୍ର ଟଙ୍କାଟିଏ ମୂଲ୍ୟରୁ ଆରମ୍ଭ କରି ଲକ୍ଷାଧୀକ ଟଙ୍କାର ବିରଳ ବୋନ୍‌ସାଇ ବୃକ୍ଷ ମଧ ଉପଲବ୍ଧ ହେଉଛି। ଚଡ଼ା ରତୁରେ ଏଠାରୁ ଦେଶ ବିଦେଶକୁ ପ୍ରତ୍ୟେକ ଦିନ ପ୍ରାୟ ୨୫୦ଟି ଟ୍ରକ୍‌ରେ ଗଛଲତା ପଠାଯାଇଥାଏ।୨୦୦୫ ମସିହାରେ ଭୁବନେଶ୍ୱରଠାରୁ ମାତ୍ର ୬୦କି.ମି. ଦୂରବର୍ତ୍ତୀ କପିଳାସ ପାହାଡ଼ର ପାଦଦେଶରେ ୩୦୦ ଏକର ପରିମିତ ଜମିରେ ନିର୍ମିତ ୱାଲଡେନ୍ ଉଡ୍ସ ଇକୋ ଭିଲେଜ ଏବେ କଡିଅମ୍ ସହଯୋଗରେ ଓଡ଼ିଶାର ସର୍ବବୃହତ ନର୍ସରୀ ସମୂହର ଶୁଭାରମ୍ଭ କରିବାକୁ ଯାଉଥିବା ଜଣାଯାଇଛି। ୱେଭ୍‌ର ଚତୁଃପାର୍ଶ୍ୱରେ ଥିବା ପାହାଡ଼ମାଳା, ବୃକ୍ଷରାଜି, ପ୍ରାକୃତିକ ଝରଣା, ସ୍ୱଚ୍ଛ ପରିବେଶ ଏବଂ ଉର୍ବର ଜମି ଏଠାରେ ଏକ ଅତ୍ୟାଧୁନିକ ଉନ୍ନତମାନର ନର୍ସରୀର ଉଦ୍‌ଭବ ପାଇଁ ସୁବିଧା, ସୁଯୋଗର ଅପାର ସମ୍ଭାର ସୃଷ୍ଟି କରିଥିବା ଲକ୍ଷ କରାଯାଉଛି। ନିକଟରେ ସମଗ୍ର ଦେଶରେ ସର୍ବୋତ୍କୃଷ୍ଟ ଇକୋ ଭିଲେଜ୍ ଭାବରେ ଯୋଗ୍ୟ ବିବେଚିତ ହୋଇ ୱେଭ୍, 'ଇଣ୍ଡିଆନ୍ ଆଇକନ୍' ପୁରସ୍କାର ଲାଭ କରିଛି।ଆର୍. କେ. ଙ୍କ ସହିତ ଆନ୍ଧ୍ରପ୍ରଦେଶ ଗସ୍ତରେ ଯାଇଥିବା ପ୍ରତିନିଧି ଦଳ ମଧ୍ୟରେ ୱେଭ୍‌ର ସହସଂସ୍ଥାପକ ଦିଲ୍ଲୀପ ସ୍ୱାଇଁ, କୃଷିବୀତ୍ ବିରାଜକାନ୍ତ ବେହେରା, ବୈଷୟିକ ସହାୟକ ଅମରେଶ ମହାନ୍ତି, ଲଜିଷ୍ଟିକ୍ସ ପରିଚାଳକ ମନୋଜ ମହାନ୍ତି ଏବଂ ମହାପ୍ରବନ୍ଧକ ବସନ୍ତ କୁମାର ଖୁଣ୍ଟିଆ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ରାଜମୁନ୍ଦ୍ରୀଠାରେ ଦୀର୍ଘ ଏକ ସପ୍ତାହ ରହଣି କାଳରେ ଏହି ଦଳ କଡିଅମ୍ ପୁଲା, କଡିଅମ୍, ଭେମ୍‌ଗିରି ଓ ରାଜମୁନ୍ଦ୍ରୀ ଇଲାକାର ୩୫୦୦୦ ଏକର ଜମିରେ ପରିବ୍ୟାପ୍ତ ପ୍ରାୟ ୧୦୦ଟି ନର୍ସରୀ ଭ୍ରମଣ କରି ଚାରା ଓ ବୃକ୍ଷ ଚୟନ, ପରୀକ୍ଷାନୀରିକ୍ଷା, ମାନ ନିର୍ଦ୍ଧାରଣ ଏବଂ ଶେଷରେ ସଂଗ୍ରହ ଆଦି କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଉପଯୁକ୍ତ ସ୍ଥାନ ନିରୂପଣ ପରେ ଭୂଇଁପୁର ଅଙ୍ଗନୱାଡିକେନ୍ଦ୍ର ଗୃହ ନିର୍ମାଣ କରାଯିବାକୁ ଦାବି

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଭୂଇଁପୁର ଗ୍ରାମରେ ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ଅଙ୍ଗନୱାଡିକେନ୍ଦ୍ରର ଗୃହ ନିର୍ମାଣ କରାଯିବାକୁ ଗ୍ରାମର ଅଧିବାସୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏବେ ଯେଉଁ ସ୍ଥାନରେ ଅଙ୍ଗନୱାଡିକେନ୍ଦ୍ରର ଗୃହ ନିର୍ମାଣ କରାଯିବାକୁ ଯାଉଛି ସେହି ଜମିର ପଛପଟେ ଏକ ଗଭିର ଯୋର ଥିବା ବେଳେ ସମ୍ମୁଖରେ ଏକ ଗଭିର ପୋଖରୀ ରହିଛି ଯାହା କୁନି କୁନି ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରିବ । ସେହି ଜମିଟିର କିଷମ ଗୋଚର ହୋଇଥିବା ବେଳେ ସେହିସ୍ଥାନରେ ଗ୍ରାମବାସୀମାନେ ମଳ ତ୍ୟାଗ କରନ୍ତି । ଏକ ଅସ୍ୱାସ୍ଥ୍ୟକର ପରିବେଶରେ ସେଠାରେ ଗୃହ ନିର୍ମାଣ ହେବା ଉଚିତ ନୁହେଁ ବୋଲି ଅଭିଯୋଗ ହୋଇଛି। ସେହି ଗ୍ରାମର କିଛି ବାଦାନ୍ୟ ବ୍ୟକ୍ତି ଅଙ୍ଗନୱାଡିକେନ୍ଦ୍ରର ଗୃହ ନିର୍ମାଣ ପାଇଁ ଜମି ଦାନ କରିବାକୁ ଇଛୁକ ଥିବାରୁ ଏଭଳି ବିବାଦୀୟ ସ୍ଥାନରେ ଗୃହ ନିର୍ମାଣ କରାନଯାଇ ଦାନରେ ମିଳୁଥିବା ଜମିରେ ଅଙ୍ଗନୱାଡିକେନ୍ଦ୍ରର ଗୃହ ନିର୍ମାଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ କାଉପଡା ସରପଞ୍ଚ ଧରଣୀଧର ଜେନା, ଦୁର୍ଗା ଚରଣ ଜେନା, ତୁଳସୀ ଜେନା, ମନୀଷା ବାରିକ, ଭାଗ୍ୟଧର ଜେନା, ବିଦ୍ୟାଧର ମଲ୍ଲିକ ପ୍ରମୁଖ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଜିଲ୍ଲାରେ ପ୍ରଥମ ଅନଲାଇନ କିନ୍ନର ପ୍ରମାଣ ଓ ପରିଚୟ ପତ୍ର ପ୍ରଦାନ

କେନ୍ଦ୍ରାପଡ଼ା : କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଣୟନ ହୋଇଥିବା କିନ୍ନର ବ୍ୟକ୍ତିଙ୍କ ସୁରକ୍ଷା ଅଧିକାର ଅଧିନିୟମ ୨୦୨୦ ଅନୁଯାଇ ଜଣେ କିନ୍ନର ଫର୍ମ ନମ୍ବର-୧ ରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ କିନ୍ନର ପ୍ରମାଣ ଓ ପରିଚୟ ପତ୍ର ପ୍ରଦାନ ନିମନ୍ତେ ଦରଖସ୍ତ ପ୍ରଦାନ କରିପାରିବେ । ଏହା ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଦ୍ୱାରା ତଦନ୍ତ ପରେ ଉପଯୁକ୍ତ ବିବେଚିତ ହେଉଥିଲେ ଜିଲ୍ଲାପାଳଙ୍କ ଅନୁମୋଦନ ଓ ସ୍ୱାକ୍ଷର ପାଇଁ ପ୍ରେରଣ କରାଯାଏ। ଜିଲ୍ଲାପାଳଙ୍କ ଅନୁମୋଦନ ପରେ ଏହାକୁ ସେହି ପୋର୍ଟାଲରେ ଅପଲୋଡ କରାଗଲା ପରେ ସମ୍ପୃକ୍ତ ଦରଖାସ୍ତକାରୀ ଯେ କୌଣସି ଜନସେବା କେନ୍ଦ୍ରରୁ ଏହା ସଂଗ୍ରହ କରିପାରିବେ । ଏହି କ୍ରମରେ ଜିଲ୍ଲାର ୩ ଜଣ କିନ୍ନର ଅନଲାଇନରେ ଦରଖାସ୍ତ କରିଥିଲେ ମଧ୍ୟ କେନ୍ଦ୍ରାପଡା ଗୋପଛକର ଏଲିନା ଦାସ, ପିତା ନିରଞ୍ଜନ ଦାସ ସମସ୍ତ ଆବଶ୍ୟକୀୟ କାଗଜାଦ ଯଥା କିନ୍ନର ପ୍ରମାଣିତ ଆଧାରକାର୍ଡ, ଆଫିଡେବିଟ, ବାସସ୍ଥାନ ପ୍ରମାଣପତ୍ର ପ୍ରଭୃତି ଦାଖଲ କରିଥିବାରୁ ତାଙ୍କର ଦରଖାସ୍ତକୁ ମଞ୍ଜୁର କରାଯାଇ ଏହି ଅଧିନିୟମର ଧାରା-୬ ଅନୁଯାଇ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଏଲିନାଙ୍କୁ ତାଙ୍କର କିନ୍ନର ପ୍ରମାଣ ଓ ପରିଚୟପତ୍ର ପ୍ରଦାନ କରିଥିଲେ । ଯଦ୍ୱାରା କି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ "ସ୍ୱୀକୃତି" ଯୋଜନାରେ ଦରଖାସ୍ତ କରିବାକୁ ସେ ଯୋଗ୍ୟ ବିବେଚିତ ହେଲେ ଏହି ପ୍ରମାଣପତ୍ର ଦ୍ୱାରା କିନ୍ନର ବର୍ଗକୁ ମିଳୁଥିବା ସମସ୍ତ ସାମାଜିକ ସୁରକ୍ଷା ଓ ଆର୍ଥିକ ପ୍ରୋତ୍ସାହନ, ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ମଧ୍ୟ ସୁବିଧା ପାଇ ପାରିବେ ।

## ରାଜନୈତିକ ଇଚ୍ଛାଶକ୍ତିର ଅଭାବ : ଅଧାରେ ଅଟକିଛି ଉନ୍ନୟନମୂଳକ କାର୍ଯ୍ୟ

ଖଣ୍ଡପଡ଼ା: ଗତ ୩ବର୍ଷ ଧରି ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ସେଭଳି କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟ କେବଳ ସରକାରୀ ଫାଇଲ ଓ ଫଳକରେ ସୀମିତ ଥିବା ଜଣାପଡିଛି। ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ଲୋକ ପ୍ରତିନିଧିଙ୍କର ଅଣଦେଖା ଯୋଗୁଁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ସମଗ୍ର ଖଣ୍ଡପଡା ନିର୍ବାଚନମଣ୍ଡଳୀବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଖଣ୍ଡପଡା ଠାରେ ଏକ ବିଦ୍ୟୁତ ଗ୍ରୀଡ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପକ୍ଷରୁ ୫୭ କୋଟି ଟଙ୍କା ମଂଜୁର ହୋଇଥିଲା । ମାତ୍ର ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ହୋଇ ନଥିବାରୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ଜଣାପଡିଛି । ସେହିପରି ଖଣ୍ଡପଡା ସହରର ଉମାଦେବୀ ଛକ ନିକଟରେ ପ୍ରସ୍ତାବିତ ବିଜ୍ଞାନ ପାର୍କ ନିର୍ମାଣ କାର୍ଯ୍ୟ କେବଳ ଜମି ଅଧିଗ୍ରହଣରେ ସୀମିତ ଥିବା ଜଣାପଡିଛି। କଂଟିଲୋ ତଥା ଖଣ୍ଡପଡା ଅଂଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ପ୍ରସ୍ତାବିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧିର ମନ୍ଥର ଗତିରେ ଚାଲିଥିବାରୁ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ସୁନାମୁହିଁ



ପରିବେଶ ପର୍ଯ୍ୟଟନସ୍ଥଳୀ ପରିସର ସମୟାନୁକ୍ରମେ ଶ୍ରୀହୀନ ହେବାରେ ଲାଗିଛି । ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ମଂଜୁର ୩ କୋଟି ଟଙ୍କା ଅନୁଦାନ ଅର୍ଥ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଅଦ୍ୟାବଧି ମଞ୍ଜୁର ହୋଇ ପାରୁନାହିଁ । ଖଣ୍ଡପଡା ସହରବାସୀଙ୍କ ଆମୋଦ ପ୍ରମୋଦ ନିମନ୍ତେ ନୂଆପୋଖରୀ ହୁଡାସ୍ଥିତ ପ୍ରସ୍ତାବିତ ସ୍ଥାନରେ ପାର୍କ ନିର୍ମାଣ କାର୍ଯ୍ୟ, ସ୍ଥାୟୀ ବସଷ୍ଟାଣ୍ଡ ଓ ଟାକ୍ସିଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଥିବା ଜଣାପଡିଛି । ଖାଲିସେତିକି ନୁହେଁ ଖଣ୍ଡପଡା ସହର ସମେତ ସମଗ୍ର ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏବେ ଅଟକି ରହିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ପ୍ରକାଶ ଥାଉକି ଖଣ୍ଡପଡା ନିର୍ବାଚନମଣ୍ଡଳୀର ମଙ୍ଗ ଧରିଥିବା ରାଜନେତା ଉପରୋକ୍ତ ସମସ୍ତ ସମସ୍ୟା ସଂପର୍କରେ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ନଦେବାକୁ ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ତେବେ କେବେ ଆଉ ସମସ୍ୟାର ସମାଧାନ ହେବ ତାହା ଦେଖିବାକୁ ନିର୍ବାଚନ ମଣ୍ଡଳୀବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ।

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ମାମଲା, ୩ ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା : ବହୁ ଚର୍ଚ୍ଚିତ ଚାନ୍ଦୋଳ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ମାମଲାରେ ସଦର ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସୁଚନା ଅନୁଯାଇ ସଦରଥାନା ଅନ୍ତର୍ଗତ ଚାନ୍ଦୋଳ ଅଞ୍ଚଳର ଜଣେ ନାବାଳିକାଙ୍କ ଗୃହ ନିର୍ମାଣ ନିମନ୍ତେ ପଶ୍ଚିମବଙ୍ଗର ମିଳନ ନାମକ ଜଣେ ବଙ୍ଗାଳି ମିସ୍ତ୍ରୀ ଠିକା ନେଇଥିଲେ। ଘର କାମ କରିବା ସମୟରେ ମିଳନଙ୍କ ସହିତ ସେହି ନାବାଳିକାଙ୍କ ସମ୍ପର୍କ ଗଢି ଉଠିଥିଲା । ସମ୍ପୃକ୍ତ ନାବାଳିକାଙ୍କ ପରିବାରର ଅଗୋଚରରେ ମିଳନ ଭିଡିଓ କଲିଂ କରି ସମ୍ପୃକ୍ତ ନାବାଳିକାଙ୍କ ଅଶ୍ଳୀଳ ଫଟୋ ରେକର୍ଡ କରି ନେଇଥିଲେ। ମିଳନ ନାବାଳିକାଙ୍କ ଘର ନିର୍ମାଣ କାମର ଠିକା ନେବା ସହ ତାଙ୍କ ପଡୋଶୀଙ୍କ ଘର କାମ ବୁଝାଶୁଝା କରୁଥିଲେ । କିନ୍ତୁ ପଡୋଶୀ ଏବଂ ନାବାଳିକାଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା । ପଡୋଶୀଙ୍କ ଘରେ ମିଳନଙ୍କ ଭାଇ ମୁଲାୟମ ରହୁଥିଲେ । ନାବାଳିକାଙ୍କ ପଡୋଶୀ ଏବଂ ତାଙ୍କ ପତ୍ନୀ ମୁଲାୟମଙ୍କ ସହ ମିଶି ମିଳନର ଫୋନରେ ଥିବା ନାବାଳିକାଙ୍କ କେତେକ ଅଶ୍ଳୀଳ ଫଟୋ ଭିଡିଓ ହ୍ୱାଟ୍ସଅପ ଗ୍ରୁପରେ ଭାଇରାଲ କରିଦେଇଥିଲେ । ପଡୋଶୀ ଦମ୍ପତି ଗତ ମଇ ମାସ ୧୩ ତାରିଖରେ ନାବାଳିକାଙ୍କ ମାଙ୍କୁ ତାଙ୍କ ଝିଅର ଅଶ୍ଳୀଳ ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ । ମଇ ୧୫ ତାରିଖରେ ଏହି ଫଟୋ ଭାଇରାଲ ହୋଇଥିବା ଘଟଣା ସମ୍ପର୍କରେ ନାବାଳିକା ଓ ତାଙ୍କ ପରିବାର ଜାଣିବାକୁ ପାଇଲେ । ସେହି ଦିନ ମୁଲାୟମ ସମ୍ପୃକ୍ତ ନାବାଳିକାଙ୍କୁ ଫୋନକରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲା । ଏସମ୍ପର୍କରେ କେନ୍ଦ୍ରାପଡା ସଦରଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଥାନା କେଶ ନମ୍ବର ୩୨୩/୨୦୨୧ରେ ଆଇପିସିର ୨୯୪,୫୦୬, ୩୪ ଦଫା ଏବଂ ୬୭(ଖ) ଆଇ.ଟି. ଆକ୍ଟ ଓ ୧୨ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଥିଲା । ସେହି ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତ ମିଳନ ଓ ତାର ଭାଇ ମୁଲାୟମଙ୍କୁ ପୋଲିସ କଲିକତାରୁ ଗିରଫ କରିଥିଲା । ଆଜି ଏନେଇ କେନ୍ଦ୍ରାପଡା ସଦରଥାନାରେ କେନ୍ଦ୍ରାପଡା ଉପ ଆରକ୍ଷୀ ଅଧିକ୍ଷକ ରାଜୀବ ଲୋଚନ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରି ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର କାଳିଗଞ୍ଜ ଥାନା ଅନ୍ତର୍ଗତ ଜାନକୀନଗର ଗ୍ରାମର ମିଳନ (୩୨) ମୁଲାୟମ (୩୦) ଓ କଟକ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଦେବଦତ୍ତ ବେହେରା (୨୮) ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏବଂ ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଥିଲେ। ନାବାଳିକାଙ୍କ ପଡୋଶୀ ଦମ୍ପତ୍ତି ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଏସ.ଡି.ପି.ଓ. ଶ୍ରୀ ପଣ୍ଡା କହିଥିଲେ । ଏହି ମାମଲାର ତଦନ୍ତ ସମୟରେ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଓ ଏସ.ଡି.ପି.ଓ. ଶ୍ରୀ ପଣ୍ଡା ପିଡିତା ପରିବାରକୁ ତାଙ୍କ ଗ୍ରାମକୁ ଯାଇ ଭେଟିବା ସହିତ ତାଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପତିସ୍ରୁତି ଦେବା ସହ ପିଡିତାଙ୍କୁ ତାର ପାଠପଢା ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଘର ଆଗରେ ମା ପୁଅଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର : ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ଘର ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି ମାଟ୍ରିକ ଅଫଲାଇନ ଫର୍ମଫିଲପକୁ ନେଇ ଅସନ୍ତୁଷ୍ଟ ଥିବା ମା' ଓ ପୁଅ। କିରାସିନି ବୋତଲ ଧରି ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ପୋଲିସ୍ ଉଭୟଙ୍କୁ କାବୁ କରିବା ସହ କ୍ୟାପିଟାଲ ଥାନାରେ ଅଟକ ରଖି ବୁଝାସୁଝା କରୁଛି ।ଏ ନେଇ ଛାତ୍ର ଇମ୍ରାନ୍ ଖାନଙ୍କ ମା' ଯସ୍ମିନ୍ କହିଛନ୍ତି, ମୋ ପୁଅକୁ ପରୀକ୍ଷା ଦେବାକୁ ସୁଯୋଗ ଦେବାକୁ ମନ୍ତ୍ରୀଙ୍କୁ ଭେଟି ତାଙ୍କୁ ଅନୁରୋଧ କରିବାକୁ ଚାହେଁ। ସୂଚନା ଅନୁଯାୟୀ କ୍ୟାପିଟାଲ ହାଇସ୍କୁଲରେ ଛାତ୍ର ଇମ୍ରାନ୍ ଖାନ୍ ଚଳିତବର୍ଷ ବିନା ପରୀକ୍ଷାରେ ବାହାରିଥିବା ରେଜଲ୍ଟରେ ୨୭୨ ନମ୍ବର ରଖିଥିଲେ। କିନ୍ତୁ ସେ ପ୍ରଥମ ଶ୍ରେଣୀରେ ପାସ୍ କରିବେ ବୋଲି ତାଙ୍କ ମାଆ ଆଶା କରିଥିଲେ। ରେଜଲ୍ଟରେ ଅସନ୍ତୋଷ ପ୍ରକାଶ କରି ଇମ୍ରାନ୍ ଅଫଲାଇନରେ ପରୀକ୍ଷା ଦେବାକୁ ନିଷ୍ପତି ନେଇଥିବା ବେଳେ ସ୍କୁଲରେ ଫର୍ମ ଫିଲଅପ୍ ହୋଇପାରୁନଥିବା ସେମାବେ ଅଭିଯୋଗ କରିଛନ୍ତି। ଗତକାଲି ସ୍କୁଲ ଫର୍ମଫିଲପ କରାଇ ନଥିବାରୁ ଉଭୟ ମା ପୁଅ କ୍ୟାପିଟାଲ ସ୍କୁଲ ଆଗରେ ଧାରଣା ଦେଇଥିଲେ।

## ବିଜେପିର ରାଜ୍ୟ ସ୍ତରୀୟ ପୌରାଂଚଳ କମିଟି ଘୋଷଣା

ଭୁବନେଶ୍ୱର:ଦଳୀୟ ସଂଗଠନକୁ ଆହୁରି ଅଧିକ ସୁଦୃଢ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ କେ.ଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ପୌରାଂଚଳ କମିଟି ଗଠନ କରାଯାଇଛି ଏବଂ ରାଜ୍ୟ ସଂଯୋଜକ ଭାବେ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ଏହି କମିଟିରେ ୧୭ ଜଣ ସଦସ୍ୟ ଅଛନ୍ତି। ଶ୍ରୀ ସିଂହଦେଓଙ୍କୁ ବଲାଙ୍ଗିର, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଜିଲ୍ଲା ଦାୟୀତ୍ୱ ଦିଆଯାଇଛି। ସେହିପରି ରାଜ୍ୟ ସଂଯୋଜକ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା (ମୟୁରଭଂଜ), ରାଇରଙ୍ଗପୁର (ମୟୁରଭଂଜ); ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଭୁବନେଶ୍ୱର ଓ ଖୋର୍ଦ୍ଧା; ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କୁ ଦେବଗଡ, ସମ୍ବଲପୁର; ବିଧାୟକ ଜୟନ୍ତ ଷଡଙ୍ଗୀଙ୍କୁ ପୁରୀ; ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ସମୀର ଦେ ଏବଂ ବିନୋଦ ଦାସଙ୍କୁ କଟକ ସହର; ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କୁ ବାଲେଶ୍ୱର ଓ ଭଦ୍ରକ; ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କୁ କଟକ ସଦର; ପୂର୍ବତନ ନଗରପାଳ ନିହାର ରାୟଙ୍କୁ ପାନପୋଷ (ରାଉରକେଲା); ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କୁ ଅନୁଗୁଳ ଓ ଢେଙ୍କାନାଳ; ଭୁବନେଶ୍ୱର ମହାନଗର ନିଗମର ଉପ ନଗରପାଳ ଉର୍ମିଳା ମହାପାତ୍ରଙ୍କୁ ବୌଦ୍ଧ, କନ୍ଧମାଳ ଓ ନୟାଗଡ; ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ବିଏମସି କର୍ପୋରେଟର ଦିଲୀପ ମହାନ୍ତି ଓ ପୂର୍ବତନ ନଗରପାଳ ତିରୁପତି ନାୟକଙ୍କୁ ଗଜପତି, ଗଂଜାମ ଓ ଘୁମୁସର; ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କୁ କେନ୍ଦ୍ରାପଡା; ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ କର୍ପୋରେଟର ଜଗନ୍ନାଥ ପ୍ରଧାନଙ୍କୁ ଜଗତସିଂହପୁର ଓ ଯାଜପୁର; ପୂର୍ବତନ ନଗରପାଳ ସୀମାଂଚଳ ଖଟେଇଙ୍କୁ କଳାହାଣ୍ଡି, ନୂଆପଡା ଓ ବରଗଡ; ପୂର୍ବତନ ନଗରପାଳ ଦିଲୀପ ମିଶ୍ରଙ୍କୁ କେଉଁଝର; ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀଙ୍କୁ ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାର ପ୍ରଭାରୀ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି ।

## ସହାୟତା ଅପେକ୍ଷାରେ ମାନସିକ ଭିନ୍ନକ୍ଷମ

ନେଉଳପୁର : ବାପା ମା' କର୍କଟ ରୋଗରେ ଚାଲିଗଲେ। ଏବେ,ପୁଅ ମାନସିକ ରୋଗରେ ପିଡିତ। ଚିକିତ୍ସା ପାଇଁ ଅର୍ଥ ନାହିଁ। ଫଳରେ ବର୍ଷ ବର୍ଷ ଧରି ଚିକିତ୍ସା ହୋଇନପାରିବାରୁ ସେ ଶର୍ଯ୍ୟାଶାୟୀ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବଡଚଣା ବ୍ଲକ ଚମ୍ପାପୁର ପଂଚାୟତ ସପନପୁର ଗ୍ରାମରେ। ଗ୍ରାମର ସୁନାକର ବେହେରା ମାନସିକ ରୋଗରେ ଆକ୍ରାନ୍ତ। ପିତା ସୌରୀ ବେହେରା ଓ ମାତା ପ୍ରମିଳା ଆଜକୁ ପ୍ରାୟ ଏକ ବର୍ଷ ତଳେ କର୍କଟ ରୋଗରେ ମୃତ୍ୟୁବରଣ କରିଥିଲେ। ବାପା ମା'କୁ ହରାଇବା ପରେ ସୁନାକରଙ୍କ ଠାରେ ମାନସିକ ରୋଗ ଧିରେ ଧିରେ ଦେଖାହେଲା। ସେହିଦିନ



ଠାରୁ ସେ ଭୋକଉପାସରେ କାଳତିପାତ କରୁଛନ୍ତି ସୁନାକର। ସୁନାକର ଦୁଇଭାଇ ହୋଇଥିଲେ ମଧ୍ୟ ପରିବାରର ଆର୍ଥିକ ସ୍ୱଚ୍ଛଳ ନାହିଁ। ସାନଭାଇ ସୁକାନ୍ତ ବେହେରା ଯାତ୍ରା ପାର୍ଟିରେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ କରୋନା କଟକଣା ଯୋଗୁ ସେ ଏବେ ଜୀବିକା ହରାଇ ଘରେ ବସି ରହିଛନ୍ତି। ନିଜେ ବଂଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ଏପଟେ ମାନସିକ ରୋଗରେ ଆକ୍ରାନ୍ତ ଥିବା ଭାଇର ଚିକିତ୍ସା ତାଙ୍କୁ ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ହୋଇପଡିଛି। ରାଜ୍ୟ ସରକାର କିମ୍ବା କୌଣସି ଦାତବ୍ୟ ଅନୁଷ୍ଠାନଙ୍କ ପକ୍ଷରୁ ଯଦି ସୁନାକରର ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇପାରନ୍ତା ତେବେ ସୁନାକରଙ୍କ ପରିବାରରେ ଖୁସି ଆସିପାରନ୍ତା ବୋଲି ଗ୍ରାମବାସୀ ମାନେ କହିଛନ୍ତି।

## ବୃନ୍ଦନାଥ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ଉଦ୍‌ଘାଟିତ

ବାଲିପାଟଣା : ବାଲିପାଟଣା ବ୍ଲକର ସର୍ବ ପୁରାତନ ବିଦ୍ୟାଳୟ ବୃନ୍ଦନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଚତୁଃପାର୍ଶ୍ୱ ପ୍ରାଚୀର ମୋ ସ୍କୁଲ ଅଭିଯାନରେ ଶୁଭ ଉଦ୍‌ଘାଟନ ଉତ୍ସବରେ ଜୟଦେବ ନିର୍ବାଚନର ମଣ୍ଡର ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗଦେଲେ । ଏହି ଅବସରରେ ପୂର୍ବତନ ସାଂସଦ ଡଃ ପ୍ରସନ ପାଟଶାଣୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ , ଗୋଷ୍ଠି ଶିକ୍ଷା ଅଧିକାରଙ୍କ ସହ ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଲମ୍ପିକ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଯୁବମୋର୍ଚ୍ଚାର ବିରାଟ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଯୁବମୋର୍ଚ୍ଚା ପକ୍ଷରୁ ଏକ ୱେବସାଇଟ ମଷରରକ୍ଵ୪ସଭୟସବ.ଭହଚ୍ଛଙ୍କ.କ୍ଟକ୍ଵଶ ଲଂଚ କରାଯିବା ସହ କ୍ୟାମ୍ପେନ୍ ମାଧ୍ୟମରେ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ଓ ସେମାନଙ୍କୁ ମାନସିକ ଭାବେ ଉତ୍ସାହିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ୱେବସାଇଟ ମାଧ୍ୟମରେ ଓଡିଶାର ଯୁବ ପିଢୀ ରେଜିଷ୍ଟ୍ରେସନ କରି ଆମ ରାଜ୍ୟ ତଥା ଦେଶର ଅଲମ୍ପିକ ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି । ଆଜି ରାଜ୍ୟ ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ସାଇକେଲ ରାଲି ବାହାର କରି ଅଲମ୍ପିକରେ ଭାଗ ନେଇଥିବା ଭାରତର ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଜନ ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାଜ୍ୟ ସଭାପତି ସମୀର ମହାନ୍ତି ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଅଲମ୍ପିକ ଖେଳାଳିମାନେ ଦେଶର ଶୌର୍ଯ୍ୟ ଓ ପ୍ରତିଭାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଛନ୍ତି ବୋଲି କହିଥିଲେ । ସେହିପରି ଓଡିଶାର ଓଡିଶାର ୪ ଜଣ ଖେଳାଳି ଦୂତୀ ଚାନ୍ଦ, ଦୀପଗ୍ରେସ ଏକ୍କା, ବିରେନ୍ଦ୍ର ଲାକ୍ରା, ଅମିତ ରୋହୀଦାସ ଟୋକିଓ ଅଲମ୍ପିକ -୨୦୨୦ରେ ଅଂଶ ଗ୍ରହଣ କରିଛନ୍ତି ।




Bhubaneswar Friday July 30, 2021 ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଓମିଡାୟର ନେଟ୍‌ୱାର୍କ ଇଣ୍ଡିଆ ଏବଂ ବିସିଜି ସର୍ଭେ ପକ୍ଷରୁ ରିପୋର୍ଟ ପ୍ରକାଶ: ରେରା ଭାରତୀୟ ରିୟଲ ଇଷ୍ଟେଟ୍ ଉପଭୋକ୍ତା ମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିପାରିଛି

ଭୁବନେଶ୍ୱର : ଓମିଡାୟର ନେଟ୍‌ୱାର୍କ ଇଣ୍ଡିଆ ଏବଂ ବୋଷ୍ଟନ୍ କନସଲଟିଂ ଗ୍ରୁପ୍(ବିସିଜି) ପକ୍ଷରୁ ମିଳିତ ଭାବେ ନ୍ତ ଫାଇଫ୍ ଇୟରର୍ସ ଅନ୍: ଆନ୍ ଆସେସମେଂଟ୍ ଅଫ୍ ଆର୍‌ଇଆର୍‌ଏ-ଦ ରୋଡ୍ ଆହେଡ୍ ରେଜିମ୍‌ନ୍ତ ଶୀର୍ଷକ ସର୍ଭେ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଗତ ୫ ବର୍ଷ ମଧ୍ୟରେ ରିୟଲ ଇଷ୍ଟେଟ୍‌ରେ କିଭଳି କାରବାର ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରାଯାଇଛି। ରିପୋର୍ଟରେ ୨ଟି କାରଣ ଉପରେ ଉଲ୍ଲେଖ କରାଯାଇଛି। ଆର୍‌ଇଆର୍‌ଏ ପିକରଣ ଏବଂ ଫାଇନାନ୍ସିଆଲ୍ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଛି। କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପୋଭିଜନ ଏବଂ ଆଇନକୁ ବୁଝିବା କଷ୍ଟକର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ଅଭିଯୋଗ ନିରାକରଣ ପ୍ରକ୍ରିୟାରେ ବହୁ ସମସ୍ୟା ରହିଛି।୧୩୦୦ରୁ ଅଧିକ ଗ୍ରାହକ, ଡେଭଲପରର୍ସ ଏବଂ ନିୟାମକ କର୍ତ୍ତୃପକ୍ଷଙ୍କ ମତାମତ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଭାରତର ୫ଟି ରାଜ୍ୟରେ ଆର୍‌ଇଆର୍‌ଏର ପ୍ରଦର୍ଶନ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଗ୍ରାହକ ସଚେତନତା ଏବଂ ଶିକ୍ଷା, ସ୍ୱଚ୍ଛତା, ଦାୟିତ୍ୱବୋଧ, ଧାର୍ଯ୍ୟ ସମୟ ମଧ୍ୟରେ ଅଭିଯୋଗ ନିରାକରଣ ଆଦି ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତି କରାଯାଇଛି। ମହାରାଷ୍ଟ୍ର, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା, କର୍ଣାଟକ ଆଦି ରାଜ୍ୟରେ ଆର୍‌ଇଆର୍‌ଏ ଦ୍ୱାରା ଗ୍ରାହକଙ୍କ ବିଶ୍ୱାସନୀୟତା ବୃଦ୍ଧି ପାଇଛି।ଏହି ରିପୋର୍ଟର ଲୋକାର୍ପଣ ଅବସରରେ ଭାରତ ସରକାରଙ୍କ ଗୃହ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସୁରେନ୍ଦ୍ର ବାଗଡେ, ଓମିଡାୟର ନେଟ୍‌ୱାର୍କ ଇଣ୍ଡିଆର ଅଂଶୀଦାର ଶିଳ୍ପା କୁମାର ଏବଂ ବୋଷ୍ଟନ୍ କନସଲଟାଟିଂ ଗ୍ରୁପ୍‌ର ଅଂଶୀଦାର ତଥା ପରିଚାଳନା ନିର୍ଦ୍ଦେଶକ ନେତୁ ଭାସନ୍ତା ଉପସ୍ଥିତ ଥିଲେ।ଏହି ଅବସରରେ ଓମିଡାୟର ନେଟ୍‌ୱାର୍କ ଇଣ୍ଡିଆର ଅଂଶୀଦାର ଶିଳ୍ପା କୁମାର କହିଲେ, ଭାରତର ୭୫% ଲୋକ ରିୟଲ ଇଷ୍ଟେଟ୍ ସହାୟତା ଦ୍ୱାରା ଉପକୃତ ହୋଇଥାନ୍ତି। ଦେଶରେ ୬୬% ଜମିଜମା ସମ୍ପର୍କିତ ମାମଲା ରହିଛି। ଆର୍‌ଇଆର୍‌ଏ ଏସବୁ ସମସ୍ୟାର ନିରାକରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ଭାରତୀୟ ଅର୍ଥନୀତିର ବିକାଶ ସମ୍ଭବ ହୋଇ ପାରୁଛି।ଏହି ଅବସରରେ ବୋଷ୍ଟନ୍ କନସଲଟାଟିଂ ଗ୍ରୁପ୍‌ର ଅଂଶୀଦାର ତଥା ପରିଚାଳନା ନିର୍ଦ୍ଦେଶକ ନିତୁ ଭାସନ୍ତା କହିଲେ, ଆର୍‌ଇଆର୍‌ଏ ଗତ ୫ ବର୍ଷରେ ରିୟଲ ଇଷ୍ଟେଟ୍ ସେକ୍ଟରରେ ହୋଇଥିବା ଗ୍ରାହକ ଅଭିଜ୍ଞତା ଆଧାରରେ ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଆର୍‌ଇଆର୍‌ଏ ଏହି କ୍ଷେତ୍ରରେ ୫-୭% ପ୍ରତିଶତ ନିବେଶ କରିବା ଉପରେ ଗୁରୁତ୍ୱାରୋପ କରୁଛି। ଏହାଦ୍ୱାରା ଏହି କ୍ଷେତ୍ରରେ ୪-୬ ନିୟୁତ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।ରିପୋର୍ଟ କାର୍ଯ୍ୟକ୍ରମର ଉନ୍ମୋଚନ ରେ ଭାରତ ସରକାରଙ୍କ ଅତିରିକ୍ତ ସଚିବ (ଗୃହ) ଏମଓଏଚୟୁଏ ଶ୍ରୀ ସୁରେନ୍ଦ୍ର ବାଗଡେ ଯୋଗଦେଇ କହିଛନ୍ତି ନ୍ତ ଯେ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଦେଶର ଡିଜିପି ଙ୍କ ଅବଦାନ ମହତ୍ୱପୂର୍ଣ୍ଣ । ଆମ ଦୃଷ୍ଟିକୋଣରୁ ଶିଳ୍ପକୁ ଅଧିକ ଉତ୍ସାହିତ କରିବା ଏବଂ ଏହାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ୨୦୩୦ ସୁଦ୍ଧା ଟ୍ରିଲିୟନ ଡଲାର ସେକ୍ଟର ରିଅଲ୍-ଇଷ୍ଟେଟ୍ ଇଣ୍ଡଷ୍ଟ୍ରି ଏକ ନିର୍ଦ୍ଦିଷ୍ଟ ନିୟମ ଦ୍ୱାରା ନିୟନ୍ତ୍ରିତ ହେବା ପାଇଁ ସମ୍ଭାବନା ରହିଛି ଯାହା ଗୃହ ନିର୍ମାଣକାରୀ ଏବଂ ବିକାଶକାରୀଙ୍କ ଉପରେ ଆତ୍ମବିଶ୍ୱାସ ସୃଷ୍ଟି କରେ । ଅନ୍-ଗ୍ରାଉଣ୍ଡ ବାସ୍ତବତାର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିବା ଏବଂ କ୍ଷେତ୍ରର ଅବାସ୍ତବ ଆଶାକୁ ଆଲୋକିତ କରିବା ପାଇଁ ଓମିଡିଆର୍ ନେଟ୍‌ୱାର୍କ ଇଣ୍ଡିଆ ଏବଂ ବୋଷ୍ଟନ୍ କନ୍ସଲ୍ଟିଂ ଗ୍ରୁପ୍ ଦ୍ୱାରା କରାଯାଇଥିବା ପ୍ରୟାସକୁ ଆମେ ପ୍ରଶଂସା କରୁଛୁ । ଆମେ ବିଶ୍ୱାସ କରୁ ଯେ ରେରା ଆକ୍ଟର ରିପୋର୍ଟର ସାମଗ୍ରିକ ବିଶ୍ଳେଷଣ, ଏହାର ପ୍ରଭାବ, ଅଭାବ ଏବଂ ପ୍ରାଗମେଟିକ୍ ସୁପାରିଶ ସମସ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ସହ ପୁନଃ ପ୍ରତିରୂପିତ ହେବ ଏବଂ ଏହା ଦ୍ୱାରା କ୍ଷେତ୍ରର ବିକାଶକୁ ବୃଦ୍ଧି କରିବ ବୋଲି ଦର୍ଶାଇଛନ୍ତି ।

## ସାମ୍ବାଦିକଙ୍କୁ ମାଡ ପ୍ରତିବାଦରେ ବଡଚଣା ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଚଣ୍ଡିଖୋଲ : ସମଗ୍ର ରାଜ୍ୟରେ ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ହେଉଥିବାର ନଜିର ରହିଛି। କେଉଁଠାରେ ମାଫିଆ,ଠିକାଦାର ଆକ୍ରମଣ ତ ଆଉ କେଉଁଠାରେ ରାଜନେତାଙ୍କ ରାଜନୈତିକ ଆକ୍ରୋଶର ଶିକାର ହେଉଛନ୍ତି ସାମ୍ବାଦିକ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ସାମ୍ବାଦିକ ମାନେ ସମାଜସେବାକୁ ନିଜର ବ୍ରତ ଭାବେ ବାଛିନେଇ ସାଧାରଣ ଲୋକର ସମସ୍ୟାକୁ ସମାଧାନ ନିମନ୍ତେ ସର୍ବଦା ପ୍ରଚେଷ୍ଟା ଜାରୀ ରଖିଛନ୍ତି କିନ୍ତୁ ଏହି ସାମ୍ବାଦିକ ମାନେ ଆଜି ଅସୁରକ୍ଷିତ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲାରେ। ଜଣେ ସାମ୍ବାଦିକ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ସାମ୍ବାଦିକଙ୍କୁ ସୁରକ୍ଷା ଦେବା ବଦଳରେ ଆକ୍ରମଣ କରିଛି ଖୋଦ ମହିଳା ପୁଲିସ। ଯାହାକି ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଛି। ଆଜି ବଡଚଣା ପ୍ରେସ ଫୋରମର ଡାକରାରେ ବଡଚଣାର ବିଭିନ୍ନ ପ୍ରାନ୍ତରୁ ସାମ୍ବାଦିକ ମାନେ ଚଣ୍ଡିଖୋଲ ବୁଦ୍ଧମୂର୍ତ୍ତି ନିକଟରେ ଏକତ୍ର ହୋଇଥିଲେ। ଫୋରମର ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ଭକ୍ତଚରଣ ସାହୁ ଯୋଗଦେଇଥିଲେ। ପ୍ରଥମେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଚଣ୍ଡିଖୋଲ ଛକରୁ ଏକ ମଟର ସାଇକେଲ ଶୋଭାଯାତ୍ରାରେ ବାହାରି ଦର୍ପଣ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସଂପୃକ୍ତ ମହିଳା କର୍ମଚାରୀ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ସର୍ବସମ୍ମୁଖରେ ଯେଉଁଭଳି ଅତର୍କିତ ଆକ୍ରମଣ କରିବା ସହ ମାଡ ମାରିଲେ ଏହାର ଦୃଢ ନିନ୍ଦା କରାଯିବା ସହ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଘନଶ୍ୟାମ ବିଶ୍ୱାଳ,ଅଜୟ କୁମାର ଜେନା,ଉତ୍କଳ ପ୍ରଧାନ,ବିଭୂପ୍ରସାଦ ମହାରଣା,ଅମିତ ମହାନ୍ତି,ପ୍ରମୋଦ ଜେନା,ପ୍ରତାପ ରାଉତରାୟ,ମନୋଜ ମହାନ୍ତି,କାର୍ତ୍ତିକ ଚନ୍ଦ୍ର ରାଉତ,ପବିତ୍ର ସାମଲ,ବିମଳ ବେହେରା,ସୌମ୍ୟରଂଜନ ସାହୁ,ପ୍ରହଲ୍ଲାଦ ରାଉତ,ଚନ୍ଦ୍ରଶେଖର ପୃଷ୍ଟି,ଦିଲିପ କୁମାର ସାହୁ,କୃଷ୍ଣଚନ୍ଦ୍ର ସାହୁ,ନିହାର ରଂଜନ ସାମଲ,ଶୈଳେନ୍ଦ୍ର ସାହୁ,ସୁଶାନ୍ତ ନାୟକ,ସତ୍ୟାନନ୍ଦ ମାଲିକ,ସେକ ଇକବାଲ ହୁସେନ,ବସନ୍ତ କୁମାର ପଲେଇ, ତ୍ରିଲୋଚନ ବେହେରା, ମହେନ୍ଦ୍ର ରାଉତ, ଏକାଦଶୀ ସେଠୀ,ଆଲୋକ ପ୍ରଧାନ,ସୁରେଶ କୁମାର ଖଣ୍ଡାଇ, ପ୍ରଭାସ କୁମାର ଦାଶ,ଜ୍ଞାନରଂଜନ ପୃଷ୍ଟି,ଅଜୟ କୁମାର ଦାସ,ସର୍ବେଶ୍ୱର ବାରିକ,ପ୍ରଫୁଲ୍ଲ କୁମାର ପଣ୍ଡା,ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ତହସିଲଦାର ଶ୍ରୀ ସେଠୀ ସାମ୍ବାଦିକଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ନିକଟକୁ ଦାବିପତ୍ର ପଠାଯିବ ବୋଲି କହିଥିଲେ। ଶେଷରେ ଅନ୍ୟତମ ଆବାହକ ମନମୋହନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ, ଜଣେ ଗିରଫ

ଖଣ୍ଡପଡା: ଖଣ୍ଡପଡା ଥାନା ଅଧିନ ଶିଖରପୁର ପଂଚାୟତର ବରପଲ୍ଲୀ ଗ୍ରାମ ହରିଜନ ସାହିରେ ଖଣ୍ଡପଡା ପୋଲିସ ଟିମ ଗୁରୁବାର ଅଚାନକ ଚଢାଉ କରି ଅରୁଣ ନାଏକଙ୍କ ଘରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଖଣ୍ଡପଡା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

## ସ୍କୁଲ ଗୃହ ପୂର୍ଣ୍ଣାଙ୍ଗ କରିବାକୁ ବିଧାୟକ ଶଶିଭୂଷଣଙ୍କୁ ଅଳପୁଆ ଗ୍ରାମବାସୀଙ୍କ ଦାବିପତ୍ର

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ନୋଡାଳ ସରକାରୀ ହାଇସ୍କୁଲର ଅପୂର୍ଣ୍ଣାଙ୍ଗ ଥିବା ଗୃହକୁ ପୂର୍ଣ୍ଣାଙ୍ଗ କରିବାକୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡା ବିଧାୟକ ତଥା ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅଳପୁଆ ଗ୍ରାମପଞ୍ଚାୟତରେ ଏକମାତ୍ର ସରକାରୀ ନୋଡାଳ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀ ଗୃହର ଅଭାବ ଅନେକ ଦିନ ହେବ ରହିଛି । ତେଣୁ ଆବଶ୍ୟକତାକୁ ଉପଲବ୍ଧି କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୃହ ନିର୍ମାଣ କରାଯାଇଥିଲା। ବିଡମ୍ବନା ଏହି କି ଯେ ଦୀର୍ଘଦିନ ବିତିଯାଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବାରୁ ଅଳପୁଆ ଗ୍ରାମବାସୀ ଅତ୍ୟନ୍ତ କ୍ଷୋଭର ସହିତ ବିଧାୟକଙ୍କୁ ଅବଗତ କରିଛନ୍ତି । ସ୍ଥାନୀୟ ସରପଞ୍ଚ ରମେଶ ଦାସ, ସମିତି ସଭ୍ୟା ନମିତା ଦାସ, ପରିଚାଳନା କମିଟି ସଭାପତି ମଧୁସୂଦନ ଦାସ, ବରିଷ୍ଠ ବିଜେପି ନେତା ଗଗନ ମହାଳିକ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ସୁକାନ୍ତ ରାଉତ, କୃତ୍ତିବାସ ସାହୁ, ରବିନ୍ଦ୍ର ଧଳ, ପଦ୍ମନାଭ ନାୟକ ପ୍ରମୁଖ ଅଣ୍ଟରା ଠାରେ ବିଧାୟକଙ୍କୁ ଭେଟିଥିଲେ ।

## ବିଜେପି କାର୍ଯ୍ୟକରିଣୀ ବୈଠକ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ପୀଠରେ ବନମାଳୀପୁର ବିଜେପି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଅଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦଳର ତୁଙ୍ଗ ନେତା ଓ କର୍ମକର୍ତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସାଧାରଣ ସଂପାଦକ ଗୋପାଳକୃଷ୍ଣ ସାହୁ ବିବରଣୀ ପାଠ କରିବା ସହ ଦଳର ଆଭିମୁଖ୍ୟ ଓ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସଂପର୍କରେ ଆଲୋଚନା କରିଥିଲେ । ବନମାଳୀପୁର ମଣ୍ଡଳ ଉପସଭାପତି କାହ୍ନୁ ଚରଣ ସ୍ୱାଇଁ, ପୂର୍ବତନ ସରପଂଚ ପ୍ରସନ୍ନ କୁମାର ଦାସ, ନୟାଗଡ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ ଅର୍ଚ୍ଚନା ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ରହି ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ବେଧଡକ ଚାଲିଛି କରତ କଳ

ବାଲିଅନ୍ତା : ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିପାଟଣା ଜଙ୍ଗଲ ଓ ପରିବେଶ ବିଭାଗ ବାଲକାଟି ବନବିଭାଗ ଅଫିସ ପଛ ପାଖରେ ଚାଲିଛି ବେଆଇନ୍ କରତ କଳ ଯାହା ଉପରେ ନଜର ପଡୁନି ବନ ବିଭାଗର ସେହିପରି ବାଲିପାଟଣା ଛକ ନିକଟ, ପମ୍ପାଲୋ ,ରାଜସ୍ୱ, ଧାନହରା, ବାଲିପାଟଣା ଗୋରୁ ହାଟ ପାଖ,ଧମିଲୋରେ ବେଆଇନ୍ କରତ କଳ ଚାଲୁ ରହିଥିବା ବେଳେ କେତେକ କରତ କଳକୁ କାଠ ନେବା ଆଣିବା କରିବା ସମୟରେ ରାସ୍ତା ଖରାପ ହେଉଥିବା ଦେଖିବାକୁ ମିଳିଛି। ଏତାଦୃଶ୍ୟ କାର୍ଯ୍ୟକଳାପ ସମଗ୍ର ବାଲିପାଟଣା ବନାଂଚଳ ପରିଧିଭିତରେ ଚାଲୁ ରହିଥିବା ବେଳେ କରତ କଳ କଥା ନକହିଲେ ଭଲ ବନବିଭାଗ ଜାଣତରେ ଦିନ ରାତି ଏକାକାର କରି ଚାଲିଛି ବେଆଇନ୍ କରତ କଳ । ବନବିଭାଗ ଦ୍ୱାରା ସୃଷ୍ଟି ହେଉଛି ନୂଆ ନୂଆ ଜଙ୍ଗଲ କିନ୍ତୁ ଅପର ପକ୍ଷରେ ସରକାରୀ ଜାଗାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା କଟାଯାଉଛି ବହୁ ପୁରାତନ ବୃକ୍ଷ। ଏପରିକି ସରକାରଙ୍କ ଦ୍ୱାରା ନିଷେଦ୍ଧ କରାଯାଇଥିବା ଗଛଗୁଡିକ ଯଥା ସାଗୁଆନ୍,ଆମ୍ବ ଓ ପଣଷ ଗଛକୁ ବେଧଡକ ଭାବେ କଟାଯାଇ ରାସ୍ତାରେ ଗାଡି ଦ୍ୱାରା ବୁହାଯିବାର ଦୃଶ୍ୟ ଦେଖିବାକୁ ମିଳୁଛି ସତେ ଯେପରି ଲାଗୁଛି କାଠ କଟାଯିବାଲାଗି ସମସ୍ତ ନୀତି ନିୟମ ଛାଡହୋଇଛି । ବନ ଓ ପରିବେଷ ବିଭାଗ ନିରବଦ୍ରଷ୍ଟା ସାଜିଛି କିନ୍ତୁ ପ୍ରତି ବର୍ଷ ନାମକୁ ମାତ୍ର ଚାଲିଛି ବନମହୋସବ ତେବେ ସମସ୍ତ ବୃକ୍ଷରାଜ କଟିମାଟିରେ ମିସିଯିବ । ଏପଟେ ଦେଖା ଯାଉଛ ଦିନକୁ ଦିନ ବେଆଇନ୍ କାଟ ଗୋଲା ରାସ୍ତା କଡରେ ବଢିବାରେ ଲାଗିଛି। ସେପଟେ ଅନ୍ତଃଜାତୀୟ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା ରେ ଚାଲୁଛି ବେଆଇନ୍ କରତ କଳ ଯାହା ଫଳରେ ରାସ୍ତା ଖରାପ ହେବାକୁ ବସିଲାଣି କାଠମାଫିଆମାନେ ଦିନ ରାତି କରି ଚଳାଉଛନ୍ତି କରତ କଳ କିଛି ଅଧିକାରୀମାନଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜାଦେଇ ଚାଲିଛି କରତ କଳ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ଉଦ୍‌ଘାଟିତବାଲିପାଟଣା : ବାଲିପାଟଣା ବ୍ଲକର ସର୍ବ ପୁରାତନ ବିଦ୍ୟାଳୟ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଚତୁଃପାର୍ଶ୍ୱ ପ୍ରାଚୀର ମୋ ସ୍କୁଲ ଅଭିଯାନରେ ଶୁଭ ଉଦ୍‌ଘାଟନ ଉତ୍ସବରେ ଜୟଦେବ ନିର୍ବାଚନର ମଣ୍ଡଳ ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗଦେଲେ । ଏହି ଅବସରରେ ପୂର୍ବତନ ସାସଂଦ ଡଃ ପ୍ରସନ ପାଟ୍ଟଶାଣୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ , ଗୋଷ୍ଠି ଶିକ୍ଷା ଅଧିକାରଙ୍କ ସହ ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭଙ୍ଗା କୁଡିଆରେ ୱାର୍ଡସଭ୍ୟଙ୍କ ପରିବାର



ନେଉଳପୁର : କେହି କଚାଘରେ ରହିବେ ନାହିଁ। ସମସ୍ତଙ୍କୁ ଆବାସ ଯୋଗାଇ ଦିଆଯିବ। ଏହି ନାରା କେବଳ କାଗଜକଲମରେ ସିମିତଥିବା ପରି ମନେହେଉଛି। ଏହା କୌଣସି ସାଧାରଣଲୋକଙ୍କ କଚା ଘର କଥା ନୁହେଁ, ଖୋଦ ୱାର୍ଡ ସଭ୍ୟଙ୍କ କ୍ଷେତ୍ରରେ ଏପରି ଘଟିଛି। ନିଜ ୱାର୍ଡରେ କେହି କଚାଘରେ ରହିବେ ନାହିଁ ବୋଲି ସରପଂଚ କିମ୍ବା ବ୍ଲକ ପ୍ରଶାସନର ଦୃଷ୍ଟିକୁ ଆଣୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ପୁରା ବଦଳିଯାଇଛି। ଅନ୍ୟକୁ ସରକାରୀ ଆବାସ ଯୋଗାଇ ଦେବା ପାଇଁ ଯିଏ ପ୍ରଶାସନର ଦୃଷ୍ଟିକୁ ଆଣୁଥିଲା ଏବେ ସେ ପ୍ରଶାସନ ପାଇଁ ଏକ ପ୍ରକାର ଅଲୋଡା ହୋଇଯାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବଡଚଣା ବ୍ଲକ ନେଳିଆ ପଂଚାୟତର ଗୋପପୁର ଗ୍ରାମର ୧୩ ନମ୍ବର ୱାର୍ଡ ସଭ୍ୟଙ୍କ କ୍ଷେତ୍ରରେ। ୱାର୍ଡସଭ୍ୟ କୃପାସିନ୍ଧୁ ପ୍ରଧାନଙ୍କୁ ସରକାରୀ ଆବାସ ନମିଳିବାରୁ ଏବେ ସେ କଚାଘରେ ଜୀବନ ବିତାଉଛନ୍ତି। ଚା ଦୋକାନ କରି ପରିବାର ଚଳାଉଥିବା କୃପାସିନ୍ଧୁଙ୍କ କ୍ଷେତ୍ରରେ ଘରଖଣ୍ଡେ କରିବା କଷ୍ଟକର। ଏହି ବ୍ଲକରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ଦର୍ଶାଇ ଅବାସ ଯୋଗାଇ ଦିଆଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଂଚିତ ହେଉଛନ୍ତି। ବୁଢି ମା ସହ ୫ଜଣଙ୍କୁ ନେଇ କୃପାସିନ୍ଧୁ ସେହି ଭଙ୍ଗାଘରେ ରହୁଛନ୍ତି। ଅସରାଏ ବର୍ଷାରେ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇ ରହୁଛି। ପରିବାର ଲୋକେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଏ ନେଇ ପଂଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଆମର ତଦନ୍ତ ହୋଇଥିଲା। ଜିପିଓ ତଦନ୍ତ କରିଥିଲେ,କଣ ରିପୋର୍ଟ ଯାଇଛି ମୁଁ ଜାଣିନାହିଁ। ଜିପିଓଙ୍କୁ ପଚାରିବାରୁ ୧୫ ଦିନ ତଳେ ତଦନ୍ତ ହୋଇଥିଲା। ରିପୋର୍ଟ ପ୍ରସ୍ତୁତ ଚାଲିଛି। ଖୁବଶିଘ୍ର ଏହାର ନିଷ୍ପତ୍ତି ନିଆଯିବ ବୋଲି ସଫେଇ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସରକାରୀ ଆବାସ ଯୋଗାଇ ଦେବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray